ମାଲାମାଲ୍ ହେବେ ଭାରତୀୟ ଖେଳାଳି



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୧ ● ସଂଖ୍ୟା–୩୩ ● ୨୮ ଫେବୃୟାରୀ ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -31 ● Issue-33 ● 28th February 2024, Wednesday ● Bhubaneswar

Licensed to post without pre-payment of postage No- BN-60/22-24





ଶ୍ରେୟସ ଆୟରଙ୍କ ୟୁଟର୍ଣ୍ଣ, ମୁମ୍ବାଇ ପାଇଁ ଖେଳିବେ ସେମିଫାଇନାଲ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

• ବର୍ଷ–୩୧ • ସଂଖ୍ୟା–୩୩ • ୨୮ ଫେବୃୟାରୀ ୨୦୨୪, ବୁଧବାର • ଭୁବନେଶ୍ୱର • Vol -31 • Issue-33 • 28th February 2024, Wednesday • Bhubaneswar | Licensed to post without pre-payment of postage No- BN-60/22-24


# ମିଶନ ଶକ୍ତି ମା'ମାନଙ୍କ ପାଇଁ ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ

ଭୁବନେଶ୍ୱର, ୨୭।୨
ନ୍ୟୁଜ୍ ବ୍ୟୁରୋ

ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ୭୦ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ମା' ମାନଙ୍କ ପାଇଁ ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମିଶନ ଶକ୍ତି ଋଣ ବ୍ୟବସ୍ଥା, ମିଶନ ଶକ୍ତି ମା' ମାନଙ୍କ ପାଇଁ ୟୁନିଫର୍ମ ଓ ବ୍ଲେଜର ସହାୟତା ଏବଂ ୧୪୫ କୋଟି ଟଙ୍କାର ସୁଧ ଫେରସ୍ତ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି।



ଏହି ଅବସରରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମିଶନ ଶକ୍ତି ମୋର ସବୁଠାରୁ ପ୍ରିୟ କାର୍ଯ୍ୟକ୍ରମ। ମା' ମାନଙ୍କ ସମ୍ମାନ ଓ ଉନ୍ନତି ପାଇଁ ମୋ ସରକାର ନିରନ୍ତର ଭାବେ କାମ କରିଚାଲିଛି। ସେ ଆହୁରି ମଧ୍ୟ କହିଥିଲେ ଯେ ଏକ ସ୍ୱତନ୍ତ୍ର ଜୀବିକା ଅର୍ଜନ ପଦକ୍ଷେପ ମାଧ୍ୟମରେ ମିଶନ ଶକ୍ତି ମା'ମାନଙ୍କୁ ୮ ହଜାର କୋଟି ଟଙ୍କାର ସରକାରୀ ବିଜିନେସ ସହାୟତା ଯୋଗାଇ ଦିଆଯାଇଅଛି । ମା' ମାନେ ଏବେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ପାର୍ଟନର ହୋଇଛନ୍ତି। ନୂଆ ଓଡ଼ିଶା ଗଠନରେ ସାମିଲ ହୋଇଛନ୍ତି । ଆଜି ମିଶନ ଶକ୍ତି ମା' ମାନଙ୍କର ଭଲ କାମ ଦେଶ ବିଦେଶରେ ପହଞ୍ଚି ପାରିଛି। ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ଦୁବାଇ ଓ ସିଙ୍ଗାପୁରକୁ ଏକ୍ସପୋଜର ଭିଜିଟ୍‌ରେ ଯାଉଥିବାରୁ ଖୁସି ବ୍ୟକ୍ତ କରି କହିଥିଲେ *(ଭିତର ପୃଷ୍ଠାରେ)*

# ଖୋର୍ଦ୍ଧା ଜିଲ୍ଲାର ୮୯୫୮ ଛାତ୍ରଛାତ୍ରୀଙ୍କୁ ସ୍କଲାରସିପ ପ୍ରଦାନ କଲେ ୫-ଟି ଅଧ୍ୟକ୍ଷ

ଖୋର୍ଦ୍ଧା, ୨୭।୨
ନ୍ୟୁଜ୍ ବ୍ୟୁରୋ

ଖୋର୍ଦ୍ଧାରେ ନୂଆ-ଓ ଛାତ୍ରବୃତ୍ତି ପ୍ରଦାନ କଲେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ଖୋର୍ଦ୍ଧା ଜିଲ୍ଲାର ୮ ହଜାର ୯୫୮ ଛାତ୍ରଛାତ୍ରୀଙ୍କୁ ଏହି ସ୍କଲାରସିପ ପ୍ରଦାନ କରାଯାଇଛି । ଯୁକ୍ତ୩ ଏବଂ ପିଜି ଛାତ୍ରଛାତ୍ରୀଙ୍କୁ ନୂଆ-ଓ ସ୍କଲାରସିପ ପ୍ରଦାନ କରାଯାଇଛି। ଛାତ୍ରୀଙ୍କୁ ୧୦ ହଜାର ଏବଂ ଛାତ୍ରଙ୍କ ଖାତାକୁ ୯ ହଜାର ଟଙ୍କା ପ୍ରଦାନ କରାଯାଉଛି । ମାର୍ଚ୍ଚ ୫ ତାରିଖରେ ମଧ୍ୟରେ ସମସ୍ତ ୩୦ ଜିଲ୍ଲାର ଛାତ୍ରଛାତ୍ରୀ ଏହି ଛାତ୍ରବୃତ୍ତି ପାଇବେ। ଖୋର୍ଦ୍ଧା ଜିଲ୍ଲାର ୯୮ ପ୍ରତିଶତ ପିଲା ଏହି ଛାତ୍ରବୃତ୍ତି ପାଉଛନ୍ତି। ଛାତ୍ରବୃତ୍ତି ମୁଖ୍ୟମନ୍ତ୍ରୀ ପ୍ରଦାନ କରୁଛନ୍ତି।



ବାପାମାଆ କଷ୍ଟ କରି ଆପଣଙ୍କୁ ପାଠ ପଢାଇବାକୁ କଷ୍ଟ କରୁଛନ୍ତି। ବାପାମାଆଙ୍କ ବୋଝ ହାଲକା କରିବାକୁ ମୁଖ୍ୟମନ୍ତ୍ରୀ ଏହି ଯୋଜନା କାର୍ଯ୍ୟକାରୀ *(ଭିତର ପୃଷ୍ଠାରେ)*

# ବାରବାଟୀର ହେବ ନବୀକରଣ : ୩ ବର୍ଷ ମଧ୍ୟରେ ସରିବ କାମ, ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

କଟକ/ଭୁବନେଶ୍ୱର, ୨୭।୨
ନ୍ୟୁଜ୍ ବ୍ୟୁରୋ

ବଦଳିବ ରାଜ୍ୟର ଏକମାତ୍ର ଅନ୍ତର୍ଜାତୀୟ କ୍ରିକେଟ ଭେନ୍ୟୁ ବାରବାଟୀ ଷ୍ଟାଡିୟମ ରୂପ। ବିଶ୍ୱସ୍ତରୀୟ କ୍ରିକେଟ ଫିଲ୍ଡର ମାନ୍ୟତା ପାଇବ ବାରବାଟୀ। ବାରବାଟୀ ଷ୍ଟାଡିୟମ ନବୀକରଣର ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମଙ୍ଗଳବାର ସନ୍ଧ୍ୟାରେ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ଜରିଆରେ ଯୋଗ ଦେଇ ବାରବାଟୀ ଷ୍ଟାଡିୟମ ନବୀକରଣର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ଓସିଏ ପକ୍ଷରୁ ପ୍ରସ୍ତୁତ ହୋଇଥିବା ୩୦ଜିଲ୍ଲାର ମୋଟ ୪୧ଟି କ୍ରିକେଟ



ଏକାଡେମୀ ମଧ୍ୟ ଉଦ୍‌ଘାଟିତ ହୋଇଛି।

ବାରବାଟୀ ଷ୍ଟାଡିୟମର ନବୀକରଣ ପାଇଁ ଖର୍ଚ୍ଚ ହେବ ୬ ଶହ କୋଟି ଟଙ୍କା । ଏକାଥରେ ୬୦ ହଜାର ଦର୍ଶକ ବସି ଖେଳ ଦେଖିବା ଭଳି ବ୍ୟବସ୍ଥା କରାଯିବ। ରୂପାନ୍ତରିତ ଷ୍ଟାଡିୟମରେ ରହିବ ବିରାଟ ସ୍ପୋର୍ଟସ କମ୍ପ୍ଲେକ୍ସ । ଏକ ଅତ୍ୟାଧୁନିକ ଜିମ ସେଣ୍ଟର ମଧ୍ୟ ନିର୍ମାଣ କରାଯିବ। ଏଥିସହ ଷ୍ଟାଡିୟମ ପରିସରରେ ରହିବ ମଲ୍, ତାରକା ହୋଟେଲ ଓ ଅଫିସ। ଷ୍ଟାଡିୟମ ସମ୍ମୁଖକୁ ସାଧାରଣ ଲୋକଙ୍କ ପାଇଁ ବିକଶିତ କରାଯିବ। ୩ ବର୍ଷ ମଧ୍ୟରେ ନବୀକରଣ ଷ୍ଟାଡିୟମର କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଛି । *(ଭିତର ପୃଷ୍ଠାରେ)*


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


# ମାର୍ଚ୍ଚ ପ୍ରଥମ ସପ୍ତାହରେ ଲାଗୁ ହେବ ସିଏଏ !

ନୂଆଦିଲ୍ଲୀ, ୨୭।୨

ନାଗରିକତା ସଂଶୋଧନ ଆଇନ (ସିଏଏ) ମାର୍ଚ୍ଚ ପ୍ରଥମ ସପ୍ତାହରୁ ଲାଗୁ ହେବାର ସରକାରୀ ସୂତ୍ରରୁ ଜଣାପଡିଛି। ଆସନ୍ତା ମାସ ପ୍ରଥମ ସପ୍ତାହରେ ସିଏଏର ନିୟମ ଲାଗୁ ହୋଇପାରେ। ମିଳିଥିବା ସୂଚନା ଅନୁସାରେ ମାର୍ଚ୍ଚ ପ୍ରଥମ ସପ୍ତାହ କିମ୍ବା ଏହାର



ପରଦିନ ସିଏଏର ନିୟମ ଲାଗୁ ହେବ, ନିୟମ ଲାଗୁ ହେବା ମାତ୍ରେ ସିଏଏ ଆଇନ କାର୍ଯ୍ୟକାରୀ ହେବ।

ଅଧିକାରୀମାନେ କହିଛନ୍ତି ଯେ ଏଥିପାଇଁ ନିୟମ ପ୍ରସ୍ତୁତ ହୋଇଛି ଏବଂ ଅନଲାଇନ ପୋର୍ଟାଲ ମଧ୍ୟ ପ୍ରସ୍ତୁତ ଅଛି, କାରଣ ସମ୍ପୂର୍ଣ୍ଣ ପ୍ରକ୍ରିୟା ଅନଲାଇନ ହେବ। ଆବେଦନକାରୀଙ୍କୁ *(ଭିତର ପୃଷ୍ଠାରେ)*


DSPL-738

5T | ଓଡ଼ିଶା ସରକାର | ଆମ ଓଡ଼ିଶା ନବୀନ ଓଡ଼ିଶା

ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଦ୍ୱାରା
ଜିଲ୍ଲା ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟାରିୟମ୍‌ର

ଲୋକାର୍ପଣ
- ଜିଲ୍ଲା ବିଜ୍ଞାନ କେନ୍ଦ୍ର, ଜୟପୁର, କୋରାପୁଟ
- ପ୍ଲାନେଟାରିୟମ, ରାୟଗଡ
- ଜିଲ୍ଲା ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟାରିୟମ, ଘଟଗାଁ, କେନ୍ଦୁଝର
- ଜିଲ୍ଲା ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟାରିୟମ, ବାରିପଦା, ମୟୂରଭଞ୍ଜ

ଏବଂ

ଭିତ୍ତିପ୍ରସ୍ତର ସ୍ଥାପନ
- ଜିଲ୍ଲା ବିଜ୍ଞାନ କେନ୍ଦ୍ର - କଳାହାଣ୍ଡି
- ଜିଲ୍ଲା ବିଜ୍ଞାନ କେନ୍ଦ୍ର - ବୌଦ୍ଧ
- ଜିଲ୍ଲା ବିଜ୍ଞାନ କେନ୍ଦ୍ର - କେନ୍ଦ୍ରାପଡା
- ଜିଲ୍ଲା ବିଜ୍ଞାନ କେନ୍ଦ୍ର - ଝାରସୁଗୁଡା
- ଜିଲ୍ଲା ବିଜ୍ଞାନ କେନ୍ଦ୍ର - ଗଜପତି
- ଜିଲ୍ଲା ବିଜ୍ଞାନ କେନ୍ଦ୍ର - ନୂଆପଡା
- ଜିଲ୍ଲା ବିଜ୍ଞାନ କେନ୍ଦ୍ର - ଜଗତସିଂହପୁର

୨୮ ଫେବୃୟାରୀ ୨୦୨୪




OIPR : 28001/13/0010/2324

ବିଜ୍ଞାନ ଦୃଶ୍ୟପଟ୍ଟର ପରିବର୍ତ୍ତନ | ବୈଜ୍ଞାନିକ ଚିନ୍ତାଧାରାର ସୁଦୃଢ଼ୀକରଣ
ବିଜ୍ଞାନ ଓ ବୈଷୟିକ ବିଭାଗ, ଓଡିଶା ସରକାର

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଭାରତରେ ଅଧିକ ବେରୋଜଗାରି

୨୦୨୨ରେ ଭାରତର ଯୁବ ବେରୋଜଗାରି ହାର ୨୩.୨୨% ଥିଲା, ଯାହାକି ଅନ୍ୟ ପଡ଼ୋଶୀ ଦେଶଗୁଡ଼ିକ ତୁଳନାରେ ସର୍ବାଧିକ। ଯୁବ ବେରୋଜଗାରି ହାର ପାକିସ୍ତାନରେ ୧୧.୩% ଥିବାବେଳେ ବାଂଲାଦେଶରେ ୧୨.୯% ଓ ଭୁଟାନରେ ୧୪.୪% ଥିଲା। ସେହି ବର୍ଷ ଚାଇନାରେ ବେକାରି ହାର ୧୩.୨ ପ୍ରତିଶତ ରହିଥିବା ବିଶ୍ୱବ୍ୟାଙ୍କ ରିପୋର୍ଟରୁ ଜଣାପଡ଼ିଛି।

ଶ୍ରମ ସଙ୍ଗଠନ (ଆଇଏଲ୍ଓ)ର ଆକଳନ ଆଧାରରେ ପ୍ରସ୍ତୁତ ଉକ୍ତ ରିପୋର୍ଟ ଅନୁସାରେ ସିରିଆରେ ୨୨.୧%, ଇଣ୍ଡୋନେସିଆ ୧୩%, ମାଲେସିଆ ୧୧.୭%, ଭିଏଟ୍ନାମ ୭.୪%, ଦକ୍ଷିଣ କୋରିଆ ୬.୯% ଓ ସିଙ୍ଗାପୁରରେ ଯୁବ ବେରୋଜଗାରି ହାର ୬.୧% ରହିଥିଲା। ଯୁବ ବେରୋଜଗାରି କହିଲେ ଶ୍ରମଶକ୍ତିର ୧୫ରୁ ୨୪ ବର୍ଷ ବୟସ୍କ ବ୍ୟକ୍ତିକୁ ବୁଝାଏ, ଯାହାଙ୍କ ହାତରେ ନିଯୁକ୍ତି ନ ଥାଏ। ସେମାନେ ସ୍କୁଲ, କଲେଜରେ ସଦ୍ୟ ପାଠପଢ଼ା ସାରି ତତ୍ପରତା ସହ ଚାକିରି ଖୋଜୁଥାଆନ୍ତି। ୧୫-୩୪ ବର୍ଷ ବୟସ୍କ ପ୍ରାୟ ୩୬% ଭାରତୀୟ ଦେଶରେ ବେରୋଜଗାରିକୁ ସବୁଠୁ ବଡ଼ ସମସ୍ୟା ବୋଲି ମନେକରନ୍ତି। କ୍ୟାରିୟର ଅଭିଳାଷା, ନିଯୁକ୍ତି ପସନ୍ଦ ଓ ଭାରତୀୟ ଯୁବପିଢ଼ିଙ୍କ ଆକାଂକ୍ଷାକୁ ବିଶ୍ଳେଷଣ କରିବା ପାଇଁ ଲୋକନୀତି-ସିଏସ୍ଡିଏସ୍ ପକ୍ଷରୁ କରାଯାଇଥିବା ଏକ ସର୍ବେକ୍ଷଣରୁ ଏହି ବିଷୟ ଜଣାପଡ଼ିଛି। ଏଥିରେ ଆହୁରି କୁହାଯାଇଛି ଯେ, ଗତ ୧ ଦଶନ୍ଧି ମଧ୍ୟରେ ଭାରତର ଯୁବ ବେରୋଜଗାରି ହାର ପ୍ରାୟ ୨୨% ରହିଆସିଥିଲା।

'ବେକାର' ରୂପେ ପଞ୍ଜୀକୃତ ହେବା ପାଇଁ ଜଣେ ବ୍ୟକ୍ତି ନିଶ୍ଚିତ ଭାବେ କାର୍ଯ୍ୟକ୍ଷମ ଓ ବେରୋଜଗାର ହୋଇଥିବା ଦରକାର। ଏଥିସହ ସେ ଚାକିରି ମଧ୍ୟ ଖୋଜୁଥିବା ଆବଶ୍ୟକ। ସାଧାରଣତଃ ଯୁବ ବେରୋଜଗାରି ହାର ବୟସ୍କ ବେରୋଜଗାରି ହାରଠାରୁ ଅଧିକ ରହିଥାଏ। କାରଣ ଅନେକ ସ୍ନାତକ ଡିଗ୍ରୀ ହାସଲକାରୀ ବ୍ୟକ୍ତି ନିଜ ଶିକ୍ଷା ଶେଷ କରିବା ପରେ ଚାକିରି ପାଇ ନ ଥାନ୍ତି। ଭାରତରେ ମଧ୍ୟ ଏହି ସ୍ଥିତି ଦେଖିବାକୁ ମିଳିଥାଏ। ଜାତୀୟ ବେରୋଜଗାରି ହାରଠାରୁ ଯୁବ ବେରୋଜଗାରି ଅଧିକ ରହିଆସିଛି। ୨୦୨୦ରେ କୋଭିଡ୍-୧୯ ମହାମାରୀଜନିତ ଲକ୍ଡାଉନ୍ ବେଳେ ଦେଶରେ ବେରୋଜଗାରି ହାର ସର୍ବାଧିକ ୩୦.୯୦% ଥିବାବେଳେ ୨୦୨୧ରେ ଏହା ସାମାନ୍ୟ ହ୍ରାସ ପାଇ ୨୩.୮୯% ଥିଲା। ୨୦୨୨ରେ ଭାରତୀୟ ଯୁବ ବେରୋଜଗାରିଙ୍କ ହାର ୨୩.୨୨% ରହିଥିଲା। ତେବେ ଏସିଆ-ପ୍ରଶାନ୍ତ ମହାସାଗରିୟ କ୍ଷେତ୍ରର ରାଷ୍ଟ୍ରଗୁଡ଼ିକୁ ଦେଖିଲେ ଭାରତରେ ବେକାରି ସମସ୍ୟା ମଧ୍ୟମ ସ୍ଥିତିରେ ରହିଛି। କାମ୍ବୋଡିଆରେ ସର୍ବନିମ୍ନ ୧%ରୁ କମ୍ ବେରୋଜଗାରି ଥିବାବେଳେ ଆଫଗାନିସ୍ତାନରେ ଏହା ସର୍ବାଧିକ ୮.୮% ରହିଛି। ବିଗତ ୨ ଦଶନ୍ଧିର ସ୍ଥିତିକୁ ଅନୁଧ୍ୟାନ କଲେ ପୂର୍ବ ଏସିଆ ଓ ପାସିଫିକ୍ ତୁଳନାରେ ଆରବ ଜଗତରେ ବିଶ୍ୱର ସର୍ବାଧିକ ବେରୋଜଗାରି ରହିଥିବା ଜଣାଯାଏ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ମା।**

ଗାଧୁଆ ପାଧୁଆ ନ ହେଲା ନାହିଁ
ଅଖିଆ ଅପିଆ ରହିବି ମୁହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୧)

ଚନ୍ଦନ ସିନ୍ଦୂର ନ ହେଲା ନାହିଁ
ତୁଳସୀର ମାଳା ମୋ ଲୋଡା ନାହିଁ
ତଥାପ "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୨)

ପାଟ ପିତାମ୍ବରୀ ନ ହେଲା ନାହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୩)

ଦହି ଦୁଧ ଛେନା ନ ହେଲା ନାହିଁ
ଲହୁଣୀରେ ମନ ମୋହର ନାହିଁ
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୪)

ତୋ ନାମ ମୋହର ଗଙ୍ଗା ଯମୁନା
ତୋ ନାମେ ସିନ୍ଦୂର ଚିତା ପଇତା
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୫)

ତୋ ସ୍ନେହ ମମତା କ୍ଷୀର ଲବଣୀ
ତୋ ପାଦଧୂଳି ମୋ ମଥାର ମଣି
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ(୬)

କିପରି ଭାବେ ମୁଁ ତୋତେ କହିବି
ଯୁଗେ ଯୁଗେ ମୋର ତୁହି ଜନନୀ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୭)

ଲୋଡା ନାହିଁ ମୋର ସାରା ଜଗତ
ତୋ ନାମ ମୋ ହୃଦେ କେବଳ ମାତ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୮)

ଲକ୍ଷ୍ମୀ ସରସ୍ୱତୀ ତୁ କାଳୀ ମାତା
ଦୁର୍ଗା ନାରାୟଣୀ ଶକ୍ତି ମୋ ମା
ତଥାପି ' ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ।
(୯)

ଯୁଗେ ଯୁଗେ ଅଭି ତୋ ନାମ ଭଜି
ମାୟା ସଂସାରରୁ ଯାଏ ସେ ହଜି
ତଥାପି 'ମା' ମୁଁ
ତୋହିର ନାମକୁ ଭୁଲିବି ନାହିଁ
(୧୦)

(କ୍ରମଶଃ)

# ବ୍ରଜ ପରିକ୍ରମା



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ରାଧା ଶବ୍ଦ ଭାଗବତରେ ଉଲ୍ଲେଖ ନ ଥିବାବେଳେ କୃଷ୍ଣଙ୍କ ସହିତ ରାଧାଙ୍କର ପୂଜା ଗୌଡ଼ୀୟ ଷଡ଼ ଗୋସ୍ୱାମୀମାନଙ୍କଦ୍ୱାରା ବିଭିନ୍ନ ତୀର୍ଥ ସ୍ଥାନମାନଙ୍କରେ ପ୍ରତିଷ୍ଠିତ ହୋଇଥିବା ଓ ସେଠାରେ ଆଶ୍ରମ ସ୍ଥାପନ ପ୍ରଭୃତିରୁ ଜଣାପଡ଼େ। କେତେକ ସ୍ଥାନରେ ମଧ୍ୟ ରାଧାକୃଷ୍ଣଙ୍କ ସହିତ ନିତାଇଗୌର ଓ ଶ୍ରୀଚୈତନ୍ୟଙ୍କ ବିଗ୍ରହମାନ ପୂଜା ପାଉଥିବାର ଦେଖାଯାଏ। ଅବଶ୍ୟ ଓଡ଼ିଶାର ଶ୍ରୀଜଗନ୍ନାଥଙ୍କ ବିଗ୍ରହ ଅଳ୍ପ କେତୋଟି ସ୍ଥାନରେ ପୂଜା ପାଉଛନ୍ତି ଓ କତିପୟ ଓଡ଼ିଆ ଆଶ୍ରମ ସ୍ଥାପନ କରି ଅଳ୍ପ କେତୋଟି ସ୍ଥାନରେ ରହିଛନ୍ତି। ମାତ୍ର ତାହା ସବୁ କେବଳ ଗୌଡ଼ୀୟମାନଙ୍କ ପ୍ରଭାବରେ ପ୍ରତିଷ୍ଠିତ ହୋଇଥିବାର ସମ୍ଭାବନା। ଓଡ଼ିଶାରୁ ଯାଇଥିବା କୃଷ୍ଣ ବିଗ୍ରହ ଗୋବର୍ଦ୍ଧନ ପର୍ବତ ଓ ବୃନ୍ଦାବନର କେତେକ ମନ୍ଦିରରେ ପୂଜା ପାଉଥିବା ଇତିହାସରୁ ଜଣାଯାଏ। ତାହା କେବଳ ଶ୍ରୀଚୈତନ୍ୟଙ୍କ ପ୍ରଭାବ ଯୋଗୁଁ ସମ୍ଭବ ହୋଇପାରିଛି। ମାତ୍ର ସେଠାର ଇତିହାସ ଏ ସମ୍ପର୍କରେ ନୀରବ।

ବ୍ରଜମଣ୍ଡଳ ପରିକ୍ରମାରେ ଯେଉଁ ସବୁ ସ୍ଥାନମାନଙ୍କର ଇତିହାସ, ଲୋକକଥା ଓ ସଂସ୍କୃତି ବିଷୟରେ ସମ୍ୟକ ଝଲକ ଦିଆଯାଇଛି ତାହା କେବଳ ସ୍ଥାନୀୟ ଲୋକଙ୍କଠାରୁ ସଂଗ୍ରହ କରାଯାଇଛି। ଲେଖକ ଅବଶ୍ୟ ତିନିଥର ଏହି ବ୍ରଜ ପରିକ୍ରମା ମଣ୍ଡଳ ମଧ୍ୟରେ ଆସୁଥିବା କେତୋଟି ସ୍ଥାନ ମାତ୍ର ଦର୍ଶନ କରିଛି। ତାହାସହ ଇଣ୍ଟରନେଟ୍ରୁ କେତେକ ତଥ୍ୟ ମଧ୍ୟ ଆଣି ଲେଖା ସହ ସଂଯୋଗ କରିଛି। ସର୍ବୋପରି ଅନୁଗୁଳ ଜିଲ୍ଲା କୋଶଳା ଗ୍ରାମର ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ମାନନୀୟ ମାୟାଧର ସାହୁଙ୍କ ୧୯୮୪ ମସିହାର ବ୍ରଜ ପରିକ୍ରମା ପୁସ୍ତକଟି ମୋତେ ଏହି ଲେଖାରେ ଯଥେଷ୍ଟ ସାହାଯ୍ୟ କରିଛି। ସେ ମହାଶୟ ଖ୍ରୀ.ଅ. ୧୯୮୪ ଓ ୧୯୯୮ ମସିହାରେ ଦୁଇଥର ବ୍ରଜମଣ୍ଡଳ ପରିକ୍ରମା କରିସାରିଛନ୍ତି। ତାଙ୍କର ସେହି ପରିକ୍ରମା ପୁସ୍ତକ ଆଗାମୀ ଦିନମାନଙ୍କରେ ବ୍ରଜ ପରିକ୍ରମା କରୁଥିବା ଭକ୍ତମାନଙ୍କୁ ଯଥେଷ୍ଟ ସାହାଯ୍ୟ କରିବ ବୋଲି ମୋର ଆଶା। ବ୍ରଜ ପରିକ୍ରମାରେ ପଡୁଥିବା କେତେକ ସ୍ଥାନମାନଙ୍କର ଇତିହାସକୁ ମୁଁ ଏଥିରେ ସନ୍ନିବେଶିତ କରିଛି। ଏହି ପରିକ୍ରମାରେ ବର୍ଣ୍ଣିତ ସ୍ଥାନମାନଙ୍କର ଇତିହାସ ଓ ଲୋକକଥା କେତେଦୂର ଠିକ୍ ତାହା କହିହେବ ନାହିଁ। ତେବେ ସ୍ଥାନଗୁଡ଼ିକ ସହ ସେ ସମ୍ପର୍କୀୟ ଲୋକକଥା ଏପର୍ଯ୍ୟନ୍ତ ବଞ୍ଚି ରହିଛି।

ପ୍ରତ୍ୟେକ ମଣିଷର ଶରୀର ତାହାର ନିଜ ଆଙ୍ଗୁଳିରେ ମାପିଲେ ୮୪ ଆଙ୍ଗୁଳ ହୋଇଥାଏ। ପୁଣି ଚିକିତ୍ସା ବିଦ୍ୟା ଅନୁସାରେ ଶରୀରଟି ୮ଟି ଭାଗରେ ବିଭକ୍ତ। ତେଣୁ ୮୪ କ୍ରୋଶ ବ୍ରଜ କହିଲେ ଏହି ଶରୀରକୁ ହିଁ ବୁଝାଏ ଓ ଆଠଟି ଭାଗ ହିଁ ଅଷ୍ଟସଖୀ, ସଖା ବା ମହାପ୍ରଭୁଙ୍କ ଅଷ୍ଟପଟ୍ଟମହିଷୀ ଭାବେ ବିବେଚିତ। ଦେହର ଆଠଟି ଅଙ୍ଗ ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ଥିବାରୁ କେହି କାହାଠାରୁ କମ୍ ନୁହନ୍ତି। ତେଣୁ ବ୍ରଜମଣ୍ଡଳକୁ ସେହି ଭାବରେ ଗ୍ରହଣ କରିନେଲେ ଏହି ଶରୀରରୂପୀ ବ୍ରଜ ମଧ୍ୟରେ ମହାପ୍ରଭୁଙ୍କୁ ଦର୍ଶନ କରିହେବ। ଦେହରୂପୀ ବ୍ରଜରେ ନଅଟି ଦ୍ୱାର ରହିଛି। କେଉଁ ଦ୍ୱାରଦେଇ ଗଲେ ତାଙ୍କୁ ପାଇହେବ ବା ଅନୁଭବ କରିହେବ ତାହା ସାଧକମାନଙ୍କ ବ୍ୟତୀତ ଅନ୍ୟମାନଙ୍କୁ ଅଜଣା। ଜୀବନ ଗଲାବେଳେ ଏହି ନବଦ୍ୱାର ମଧ୍ୟରୁ କୌଣସି ଗୋଟିଏ ଦ୍ୱାର ଦେଇ ପ୍ରତ୍ୟେକଙ୍କୁ ଯିବାକୁ ହିଁ ପଡିଥାଏ।

ତେଣୁ ଏହି ଭୂମଣ୍ଡଳରେ ଦେହ ଧରି କେବଳ ସାଧନ ମାର୍ଗଦ୍ୱାରା ହିଁ ତାଙ୍କୁ ପାଇ ହେବ। ବିନା ସାଧନ ଭଜନରେ ସେ ଆଦୌ ଧରାଦେବେ ନାହିଁ। ତେଣୁ ବ୍ରଜଭୂମିର ପରିକ୍ରମା ବା ମଥୁରା ଦର୍ଶନ ଇତ୍ୟାଦି ଯୋଗୀଜନମାନଙ୍କୁ କେବେ ହେଲେ ଆକୃଷ୍ଟ କରିପାରେ ନାହିଁ।

ଦେହରୂପୀ ଏହି ଚଉରାଶୀକ୍ରୋଶ ବ୍ରଜର ଅର୍ଥକୁ ମଧ୍ୟ ଓଡ଼ିଆ କବିମାନେ ପରୋକ୍ଷରେ ବର୍ଣ୍ଣନା କରିଛନ୍ତି। ଭକ୍ତଚରଣ ଦାସଙ୍କ ମନବୋଧ ଚଉତିଶାରେ ଉଲ୍ଲେଖ ରହିଛି।

ଚର୍ମବେଢ଼ିଛି ସିନା ଚଉରାଶୀକୁ
ଚିତ୍ତ ତୁ ଦିଅ ନୀଳଗିରିବାସୀଙ୍କୁରେ।

**ଅନ୍ୟ ଏକ କାବ୍ୟିକ ଭାଷାରେ-**

ବେଳ ରତରତ ହେଲାଣିତ ଆସି କୁଞ୍ଜେ
ଚାଲ କୁଞ୍ଜରାଣୀ।
ଚଉରାଶୀ କ୍ରୋଶ ବ୍ରଜେ ତୋତେ ଆଉ
ସଖି କେହି ଦେଖିବେନି॥ ।୧।
ସବୁ ଗୋପ ଆଳି ଧରି ଅର୍ଘ୍ୟ ଥାଳି
ନବଦ୍ୱାରେ ମିଳିଲେଣି।
କେଉଁ ପଥେ ଯିବୁ କହ ତୁ ତାଙ୍କୁଲୋ
ମେଲାଣି ବେଳ ହେଲାଣି॥
।୨।
ନୀଳଶାଢ଼ି ପିନ୍ଧି ବାହାର ସଜନୀ, ଗୋରା
ଦେହ ଯାଉ ଝଳି।
ନୀଳମଣି ସହ ମିଶିବୁ ତ୍ୱରିତେ ଆକାଶେ
ବିଜୁଳି ଭଳି॥ ।୩।
କେଉଁଠି ଭେଟିବୁ ପଚାରି ବୁଝିବୁ ସେ
କୁଞ୍ଜ ରାଇଜେ ଘୂରି।
ଅଥଳ ସାଗର ଅସୀମ ଆକାଶେ କେଉଁଠି
ସେ ବ୍ରଜପୁରୀ ? ।୪।

ବୃନ୍ଦାବନ:

ବୃନ୍ଦାବନ ହେଉଛି ଶ୍ରୀକୃଷ୍ଣ ଓ ଗୋପୀମାନଙ୍କର ଲୀଳାଭୂମି ତଥା ସମଗ୍ର ବ୍ରଜମଣ୍ଡଳର କେନ୍ଦ୍ରବିନ୍ଦୁ। ପ୍ରତ୍ୟେକ ଧୂଳିକଣା ଏଠାରେ ପବିତ୍ର। ଯମୁନାର ପବିତ୍ର ଜଳଧାରା ବୃନ୍ଦାବନର ମହିମାମୟ ଐତିହ୍ୟ ଓ ଗାରିମାକୁ ଗାଇ ବହି ଚାଲିଛି। ଏହି ବୃନ୍ଦାବନସ୍ଥ କେଶୀଘାଟରେ କେଶୀ ନାମକ ରାକ୍ଷସକୁ ପ୍ରଭୁ ବଧ କରିଥିଲେ। ଏହା ଏକ ପବିତ୍ର ସ୍ଥାନ। ଏଠାରେ ଶ୍ରାଦ୍ଧ ଦେଲେ ପିତୃପୁରୁଷମାନଙ୍କୁ ମୁକ୍ତି ମିଳିଥାଏ ବୋଲି କୁହାଯାଏ। ବ୍ରହ୍ମବୈବର୍ତ୍ତ ପୁରାଣ ଅନୁସାରେ ରାଜା କେଦାରଙ୍କ କନ୍ୟା ବୃନ୍ଦା ଯେଉଁ ବନରେ ତପସ୍ୟା କରି ଶ୍ରୀକୃଷ୍ଣଙ୍କୁ ପତି ରୂପରେ ପାଇଥିଲେ ସେହି ବନକୁ ବୃନ୍ଦାବନ କୁହାଯାଉଛି। ବରାହ ପୁରାଣ ଅନୁସାରେ ବୃନ୍ଦାବନକ୍ଷେତ୍ର ମହାପାତକନାସିନୀ ଓ ତାହା ଅତି ରମଣୀୟ ସ୍ଥାନ। ଏଠାର ପ୍ରତ୍ୟେକ ବସ୍ତୁ ପ୍ରାକୃତ ହେଲେ ମଧ୍ୟ ଏହା ଅପ୍ରାକୃତ ଭାବେ ଗୃହୀତ ବୋଲି ଭକ୍ତମାନଙ୍କର ବିଶ୍ୱାସ ଅଛି। ବୃନ୍ଦାବନର ମହିମା ଭକ୍ତିରତ୍ନାକର ଗ୍ରନ୍ଥର ପଞ୍ଚମ ସର୍ଗ, ପଞ୍ଚମ ତରଙ୍ଗ, ସ୍ତବାମୃତ ଲହରୀରେ ବିସ୍ତୃତ ଭାବେ ବର୍ଣ୍ଣିତ ହୋଇଛି। ବୃନ୍ଦାବନ ସହର ପରିକ୍ରମା ଦୁଇରୁ ତିନି ଘଣ୍ଟା ସମୟ ଲାଗିଥାଏ। କେବଳ ଏକାଦଶୀ ତିଥିରେ ବୃନ୍ଦାବନ ପରିକ୍ରମାରେ ପୁଣ୍ୟ ମିଳିଥାଏ ବୋଲି ଭକ୍ତମାନଙ୍କର ବିଶ୍ୱାସ। ବୃନ୍ଦାର ଅନ୍ୟ ଏକ ଅର୍ଥ ହେଉଛି ତୁଳସୀ। ତେଣୁ ପ୍ରଥମେ ଏହା ତୁଳସୀବନ ଥିବାର କୁହାଯାଏ। ମୋଗଲ ସମ୍ରାଟ ଆକବର ଏଠାରେ ଦୈବିଶକ୍ତି ଥିବାର ଅନୁଭବ କରି ୪ଗୋଟି ମନ୍ଦିର ନିର୍ମାଣ ନିମନ୍ତେ ଆଦେଶ ଦେଇଥିଲେ। ତାହା ହେଲା- ମଦନମୋହନ, ଗୋବିନ୍ଦଦେବ, ଗୋପୀନାଥ ଓ ଯୁଗଳ କିଶୋର। ପ୍ରଥମେ ଷଡ ଗୋସ୍ୱାମୀମାନେ ବୃନ୍ଦାବନକୁ ଆସି ନିଧୁବନର ସୃଷ୍ଟି କରିଥିଲେ। ଉତ୍କଳର ଗଜପତି ସମ୍ରାଟ କପିଳେନ୍ଦ୍ର ଦେବଙ୍କ ଜ୍ୟେଷ୍ଠପୁତ୍ର ବୀର ହମ୍ବୀର ଦେବ ତାଙ୍କର ଉତ୍ତର ଭାରତ ଯୁଦ୍ଧ ଅଭିଯାନବେଳେ ପ୍ରଥମେ ବୃନ୍ଦାବନକୁ ଖୋଜି ବାହାର କରିଥିଲେ।

ବୃନ୍ଦାବନର କେତେକ ମୁଖ୍ୟ ତୀର୍ଥସ୍ଥାନ:

ନିଧୁବନ:

ଚତୁର୍ଦ୍ଦିଗରେ ଇଟା ପ୍ରାଚୀର ପରିବେଷ୍ଟିତ ପ୍ରାୟ ତିନିଏକର ପରିମିତ ଏହି ସ୍ଥାନକୁ ନିଧୁବନ କୁହାଯାଏ। ମହାପ୍ରଭୁ ଏଠାରେ ଗୋପୀମାନଙ୍କ ସହିତ ଗଭୀର ରାତ୍ରୀରେ ରାସକ୍ରୀଡ଼ା କରୁଥିବାର ଲୋକେ କହିଥାନ୍ତି। ସ୍ଥାନଟି ବେଶ୍ ପରିଚ୍ଛନ୍ନ ଓ ସେଠାରେ ଚିରହରିତ ପିଲୁଗଛମାନ ରହିଛି। ଯାହାର ପତ୍ରଗୁଡ଼ିକ ଲେମ୍ବୁପତ୍ର ସଦୃଶ। ଗଛଟି କଲମି କରି ଓଡ଼ିଶା ମାଟିରେ ଏକ ନିଧୁବନ ସୃଷ୍ଟି କରିବାର ପ୍ରୟାସ କରିଥିଲି। ମାତ୍ର ତାହା ବଞ୍ଚିପାରିଲା ନାହିଁ। ଏହାର କାରଣ କ'ଣ ତାହା ଉଦ୍ଭିଦ ବିଜ୍ଞାନୀମାନେ ବିଶେଷଭାବେ ଜାଣିଥିବେ। ମୋ ମତରେ ଗଛଗୁଡ଼ିକ ବଞ୍ଚିବା ପାଇଁ ଏଠାକାର ମାଟି ଓ ଜଳବାୟୁ ସାହାଯ୍ୟ କରିନଥିଲା। ଏହି ବନ ମଧ୍ୟରେ ରହିଛି ରାଧାରାଣୀଙ୍କ ମନ୍ଦିର ଓ ଭକ୍ତ ହରିଦାସଙ୍କ ସାମାଧି। ରାଧାରାଣୀଙ୍କ ବିଗ୍ରହର ଦୁଇ ପାର୍ଶ୍ୱରେ ଲଳିତା ଓ ବିଶାଖା ସଖୀମାନଙ୍କର ବିଗ୍ରହ ପ୍ରତିଷ୍ଠିତ। ଦିନରେ ଏଠାରେ ଭକ୍ତମାନଙ୍କର ଭିଡ଼ ଜମିଥାଏ। ମାତ୍ର ସନ୍ଧ୍ୟା ହେଲେ କେହି ରହନ୍ତି ନାହିଁ। କୁହାଯାଏ ଯେ ରାତ୍ରୀରେ ଏଠାରେ ରହିଥିବା ଲୋକ ପ୍ରାଣତ୍ୟାଗ କରିଥାନ୍ତି। ତେବେ ଏହା କେତେଦୂର ସତ୍ୟ ତାହା ବିଚାର କରିବାର କଥା। ବିଦ୍ୟୁତ୍ ଆଲୋକମାଳାର ଶୋଭାରେ ଝଲସିଯାଉଥିବା ସ୍ଥାନଟିର ଚତୁର୍ଦ୍ଦିଗକୁ ଘେରି ରହିଛି ଉତ୍ତୁଙ୍ଗ ହର୍ମ୍ୟମାଳା। ମର୍କଟମାନଙ୍କର ଭିଡ଼ ଏଠାରେ ବିଶେଷ ଥାଏ ଓ ପର୍ଯ୍ୟଟକମାନଙ୍କୁ ସେମାନେ ବ୍ୟସ୍ତ କରିପକାନ୍ତି।

**କୁଞ୍ଜବନ:**

ନିଧୁବନ ଭଳି ଏହା ମଧ୍ୟ ଏକ ପବିତ୍ର ସ୍ଥାନ। ଶ୍ରୀରାଧାକୃଷ୍ଣଙ୍କର ନିତ୍ୟ ଲୀଳାସ୍ଥଳୀ ଭାବରେ ଏହା ପରିଚିତ। ଭିତରେ ରହିଛି ଲଳିତା କୁଣ୍ଡ ଯାହାକି ସଖୀ ଲଳିତାଙ୍କ ନାମରେ ନିର୍ମିତ। ଏହାକୁ ସେବାକୁଞ୍ଜ ମଧ୍ୟ କୁହାଯାଏ।

**କେଶୀଘାଟ:**

ବୃନ୍ଦାବନର ଯମୁନା କୂଳସ୍ଥ କେଶୀଘାଟ ଏକ ପ୍ରସିଦ୍ଧ ସ୍ଥାନ। ଭଗବାନ ଶ୍ରୀକୃଷ୍ଣ କେଶୀ ଦୈତ୍ୟକୁ ବଧ କରିବା ପରେ ଏହିଠାରେ ବିଶ୍ରାମ ନେଇଥିଲେ ଓ ସେଥିପାଇଁ ପ୍ରଭୁଙ୍କ ନାମ କେଶୀନିସୂଦନ ବୋଲି କୁହାଯାଇଛି। ଏଠାରେ ଥିବା ଯୁଗଳକିଶୋରଙ୍କ ମନ୍ଦିର ଖ୍ରୀ.ଅ.୧୬୨୭ରେ ନିର୍ମିତ ହୋଇଥିଲା। ମୋଗଲ ସମ୍ରାଟ ଆକବର ଖ୍ରୀ.ଅ. ୧୫୭୦ରେ ବୃନ୍ଦାବନ ପରିଭ୍ରମଣରେ ଯାଇଥିବାବେଳେ ଗୌଡ଼ୀୟ ବୈଷ୍ଣବମାନଙ୍କ ଅନୁରୋଧରେ ମଦନମୋହନ, ଗୋବିନ୍ଦଜୀ, ଗୋପୀନାଥ ଏବଂ ଯୁଗଳ କିଶୋରଙ୍କ ବିଗ୍ରହ ସ୍ଥାପନ ନିମନ୍ତେ ସେ ଏହି ମନ୍ଦିରସବୁର ନିର୍ମାଣ କରିବା ନିମନ୍ତେ ଆଦେଶ ଦେଇଥିଲେ।

**ରାଧାରମଣ ମନ୍ଦିର:**

ଖ୍ରୀ.ଅ. ୧୫୪୨ବୈଶାଖ ପୂର୍ଣ୍ଣମୀ ଦିନ ଗୋପାଳ ଭଟ୍ଟ ଗୋସ୍ୱାମୀ ନାମରେ ଜଣେ ସନ୍ଥ ଏହି ମନ୍ଦିର ସ୍ଥାପନା କରିଥିଲେ। ପ୍ରଥମେ ଶାଳଗ୍ରାମ ସେଠାରେ ପୂଜା ପାଉଥିଲେ। ମାତ୍ର ପରେ ସେହି ସ୍ଥାନରେ ତ୍ରିଭଙ୍ଗୀ ଠାଣିରେ ଠିଆ ହୋଇଥିବା ଶ୍ରୀକୃଷ୍ଣଙ୍କ ସହ ରାଧାରାଣୀଙ୍କ ବିଗ୍ରହ ପୂଜା ପାଇଲେ। ଶ୍ରୀ ଭଟ୍ଟ ଗୋସ୍ୱାମୀ ଜଣେ ପ୍ରସିଦ୍ଧ ସନ୍ଥ ଓ ଶ୍ରୀକୃଷ୍ଣଙ୍କର ଭକ୍ତ ଥିଲେ। ଗୋସ୍ୱାମୀମାନଙ୍କ ବୃନ୍ଦାବନରେ ସ୍ଥାପିତ ବିଗ୍ରହମାନଙ୍କ ମଧ୍ୟରେ ଏହା ଅନ୍ୟତମ। ଏଠାରେ ଠାକୁରଙ୍କ ପାକ ନିମନ୍ତେ ନିର୍ମିତ ପାକଶାଳାରେ ଜଳୁଥିବା ଅଗ୍ନି ୪୬୦ବର୍ଷରେ ଅର୍ଥାତ୍ ମନ୍ଦିର ପ୍ରତିଷ୍ଠା ହେବା ଦିନଠାରୁ ସେପରି ଜଳି ଆସୁଛି ବୋଲି ସେବକମାନେ ଦାବି କରିଥାନ୍ତି। ପ୍ରତିବର୍ଷର ବୈଶାଖ ପୂର୍ଣ୍ଣମୀରେ ୧୦୦ଲିଟର ଦୁଗ୍ଧରେ ବିଗ୍ରହଙ୍କୁ ସ୍ନାନ କରାଯାଇଥାଏ। ଏଠାରେ ଶ୍ରୀଚୈତନ୍ୟଙ୍କ ବ୍ୟବହାର କରୁଥିବା ସାଲ ବା ଚାଦର ସହିତ ବସୁଥିବା ଚୌକି (ହୋକି) ରହିଛି। ଗୋପାଳ ଭଟ୍ଟଙ୍କର ସମାଧି ମନ୍ଦିର ପରିସର ମଧ୍ୟରେ ଦେଖିବାକୁ ମିଳେ।

**ଗୋକୁଳାନନ୍ଦ ମନ୍ଦିର:**

ଗୌଡ଼ୀୟ ବୈଷ୍ଣବ ବିଶ୍ୱନାଥ ଚକ୍ରବର୍ତ୍ତୀଙ୍କର ପୂଜିତ ବିଗ୍ରହ ଗୋକୁଳାନନ୍ଦ ଭାବରେ ଏଠାରେ ପରିଚିତ। ତାହା ସହ ସେହି ଗୌଡ଼ୀୟ ସଂପ୍ରଦାୟର ନରୋତ୍ତମ ଗୋସ୍ୱାମୀ ଓ ଲୋକନାଥ ଗୋସ୍ୱାମୀଙ୍କ ପୂଜିତ ରାଧା ବିନୋଦ ବିଗ୍ରହ ଏବଂ ଓଡ଼ିଶାର ସନ୍ଥ ଶ୍ରୀବଳଦେବ ବିଦ୍ୟାଭୂଷଣଙ୍କ ପୂଜିତ ଶ୍ରୀରାଧା ବିଜୟଗୋବିନ୍ଦ ବିଗ୍ରହମାନଙ୍କ ସହିତ ଶ୍ରୀଚୈତନ୍ୟ ସନ୍ଥ ରଘୁନାଥ ଦାସ ଗୋସ୍ୱାମୀଙ୍କୁ ଦେଇଥିବା ଗୋବର୍ଦ୍ଧନ ଶିଳା ମଧ୍ୟ ଏଠାରେ ପୂଜା ପାଉଛନ୍ତି। ଗୌଡ଼ୀୟ ବୈଷ୍ଣବ ବିଶ୍ୱନାଥ ଚକ୍ରବର୍ତ୍ତୀଙ୍କ ଚେଷ୍ଟାରେ ଏହି ମନ୍ଦିର ନିର୍ମାଣ କରାଯାଇଥିଲା।

ରାଧାଗୋବିନ୍ଦ ମନ୍ଦିର:

ବୃନ୍ଦାବନର ଶ୍ରୀରଙ୍ଗଜୀ ମନ୍ଦିର ସମ୍ମୁଖରେ ଏହା ବିଦ୍ୟମାନ। ଏଠାରେ ସାତ ମହଲା ବିଶିଷ୍ଟ ଏକ ବିଶାଳ ମନ୍ଦିର ପୂର୍ବରୁ ରହିଥିଲା ଏବଂ ତାହାର ଚୂଡ଼ା ଦେଶରେ ଅଢ଼େଇ ମହଣ ଗୁଆଘିଅ ଧରି ରଖୁଥିବା ମହାଦୀପ ପ୍ରତ୍ୟହ ରାତ୍ରୀରେ ପ୍ରଜ୍ୱଳିତ ହେଉଥିଲା। ତାହାର ଜ୍ୟୋତି ଦିଲ୍ଲୀ ସହରକୁ ସେତେବେଳେ ଦେଖାଯାଉଥିଲା ବୋଲି କୁହାଯାଏ। ଖ୍ରୀ.ଅ. ୧୫୯୦ରେ ଆକବରଙ୍କ ସେନାପତି ମାନସିଂହଙ୍କଦ୍ୱାରା ଏହି ମନ୍ଦିର ନିର୍ମାଣ ହୋଇଥିଲା। ଆକବର ମଧ୍ୟ ମନ୍ଦିର ନିର୍ମାଣ ନିମନ୍ତେ ନାଲି ପ୍ରସ୍ତର ଖଣ୍ଡମାନ ଯୋଗାଇଥିଲେ। ମୁଖ୍ୟଦ୍ୱାରର ଛାତ ତଳେ ସୁନା ଓ ରୂପାରେ ନିର୍ମିତ ପ୍ରସ୍ଫୁଟିତ ପଦ୍ମ ରଖାଯାଇଥିଲା। ଖ୍ରୀ.ଅ. ୧୬୭୦ରେ ମୋଗଲସମ୍ରାଟ ଆଉରଙ୍ଗଜେବଙ୍କ ରାଜତ୍ୱ ସମୟରେ ଏହି ମନ୍ଦିରକୁ ତିନି ମହଲା ପର୍ଯ୍ୟନ୍ତ ଭାଙ୍ଗିଦିଆଗଲା। ଭଙ୍ଗା ଚାଲିଥିବାବେଳେ ପ୍ରଚଣ୍ଡ ଶବ୍ଦ ମନ୍ଦିର ମଧ୍ୟରୁ ଶୁଭିବାରୁ ଭଙ୍ଗାଳିମାନେ ପ୍ରାଣ ବିକଳରେ ସେଠାରୁ ପଳାଇଗଲେ। ଗୌଡ଼ୀୟପନ୍ଥୀ ରୂପ ଗୋସ୍ୱାମୀଙ୍କ ପୂଜିତ ଶ୍ରୀରାଧାଗୋବିନ୍ଦଙ୍କ ବିଗ୍ରହ ଏଠାରେ ପୂଜା ପାଉଥିଲେ। ମୁସଲ୍ମାନମାନଙ୍କ ଆକ୍ରମଣରୁ ରକ୍ଷା ପାଇବା ନିମନ୍ତେ ରାଜସ୍ଥାନର ରାଜା ଗୋପାଳ ସିଂହ ଏହାଙ୍କୁ ନେଇ ଜୟପୁର ସହରରେ ଅନ୍ୟ ଏକ ମନ୍ଦିର ନିର୍ମାଣ କରି ପ୍ରତିଷ୍ଠିତ କରାଇଥିଲେ। ପୂର୍ବର ଭଗ୍ନ ମନ୍ଦିର ଆଉ ପୁନଃନିର୍ମାଣ ହୋଇନାହିଁ ଓ ତାହାରି ନିକଟରେ ଅନ୍ୟ ଏକ ମନ୍ଦିରରେ ଶ୍ରୀଗୋବିନ୍ଦଜୀଙ୍କର ଅନ୍ୟ ଏକ ବିଗ୍ରହ ପୂଜା ପାଉଛନ୍ତି।

**ଶ୍ରୀ ରାଧାଗୋପୀନାଥ ମନ୍ଦିର:**

ଗୌଡ଼ୀୟ ସନ୍ଥ ପରମାନନ୍ଦ ଭଟ୍ଟାଚାର୍ଯ୍ୟ ବଂଶୀବଟଠାରୁ ଶ୍ରୀକୃଷ୍ଣଙ୍କ ବିଗ୍ରହ ପାଇ ତାହାକୁ ପୂଜା କରିବା ନିମନ୍ତେ ମଧୁ ପଣ୍ଡିତ ନାମକ ଜଣେ ସନ୍ଥଙ୍କୁ ଦେଇଥିଲେ। ଉକ୍ତ ମଧୁ ପଣ୍ଡିତ ଏକ ମନ୍ଦିର ନିର୍ମାଣ କରି ଶ୍ରୀକୃଷ୍ଣଙ୍କ ବିଗ୍ରହ ସ୍ଥାପନ କରିଥିଲେ ଯାହାକି ଶ୍ରୀଗୋପୀନାଥ ନାମରେ ନାମିତ ହେଲେ। କିନ୍ତୁ ହିନ୍ଦୁ ବିଦ୍ୱେଷୀ ଆଉରଙ୍ଗଜେବ ଏହି ମନ୍ଦିରକୁ ଧ୍ୱଂସ କରିଦେଲା। ଯାହାଫଳରେ ସେହି ପୂଜିତ ବିଗ୍ରହ ଜୟପୁରକୁ ସ୍ଥାନାନ୍ତରିତ ହୋଇଯାଇଛନ୍ତି। ମୂଳ ସ୍ଥାନ ନିକଟରେ ଅନ୍ୟ ଏକ ମନ୍ଦିର ନିର୍ମାଣ ହୋଇ ସେଥିରେ ଶ୍ରୀରାଧାଗୋପୀନାଥଙ୍କ ବିଗ୍ରହ ପୂଜା ପାଉଛନ୍ତି। ବିଗ୍ରହଙ୍କ ନିକଟରେ ଅଛନ୍ତି ରାଧାରାଣୀ ଓ ତାଙ୍କ ଭଉଣୀ ଅନଙ୍ଗମଞ୍ଜରୀ। ମଧୁ ପଣ୍ଡିତଙ୍କ ସମାଧି ମନ୍ଦିର ପରିସର ମଧ୍ୟରେ ଦେଖିବାକୁ ମିଳିଥାଏ। (କ୍ରମଶଃ)

# ପାତାଳୀ ପୃଥିବୀ



ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୬୧୩
E-mail : mayadharnayak2014@gmail.com

ପୃଥିବୀ ଦିନେ ଦବିଦବି ପାତାଳକୁ ଯିବ ! ସ୍ୱର୍ଗ, ମର୍ତ୍ତ୍ୟ, ପାତାଳକୁ ତିନିପୁର କୁହାଯାଏ । ସବୁ ପୁରରେ ଏ ଜୀବଜଗତର ଆତଯାତ । ଭଗବାନ ସବୁଠି ଅଛନ୍ତି । "ମର୍ତ୍ତ୍ୟମଣ୍ଡଳେ ଦେହବହି, ଦେବତା ହୋଇଲେ ମରଇ" । ଏ ଗାଥାଟି ଭଗବାନରୂପୀ ଶ୍ରୀକୃଷ୍ଣଙ୍କୁ ବୁଝାଉଛି । ଏହି ମର୍ତ୍ତ୍ୟରେ ପ୍ରଭୁ ରାମଚନ୍ଦ୍ର ମଧ୍ୟ ତାଙ୍କର ଖେଳାଲୀଳା ସାଂଗକରି ଦିନେ ଏ ସଂସାରରୁ ବିଦାୟ ନେଇଛନ୍ତି । ୧୮୪୮ ମସିହାରେ ବିଶ୍ୱସାମବାଦୀ ମହା ଚିନ୍ତାନାୟକ କାର୍ଲ ମାର୍କ୍ସ କମ୍ୟୁନିଷ୍ଟ ଇସ୍ତାହାରରେ ଲେଖିଯାଇଛନ୍ତି – ଏକବିଂଶ ଶତାବ୍ଦୀରେ ପୃଥିବୀରେ ଧନ ଓ ଯୌନତା ପ୍ରାବଲ୍ୟ ଦେଖାଯିବ । ଏବେ ପ୍ରଳୟଙ୍କର ତୋଫାନ ଭଳି ମାଡିଚାଲିଛି – ହିଂସ୍ରତା, ବର୍ବରତା, ଅମାନୁଷିକତା, ବଳାତ୍କାର, ଜଘନ୍ୟ ହତ୍ୟାକାଣ୍ଡ, ନିର୍ଦ୍ଦୟ ଅପରାଧ, ଅରାଜକତା । ଏ ମଣିଷ ପଶୁଠାରୁ ହୀନ ହୋଇଯାଇଛି । ପଶୁମାନଙ୍କର ଦେହରେ ପୋଷାକ ନାହିଁ । ସେମାନେ ଲଙ୍ଗଳା । ସେମାନେ ଦିବାଲୋକରେ ଯୌନକ୍ରିଡା କରନ୍ତି । ସେମାନଙ୍କ ସଂସାର ବୃଦ୍ଧି ହୁଏ । ଏବେ ମଣିଷଜାତି ଦେହରେ ପୋଷାକ ଘୋଡେଇହୋଇ ଭିତରେ ଭିତରେ ବିଭତ୍ସ ଯୌନ କାର୍ଯ୍ୟକଳାପରେ ମସ୍ତ ।

ମଣିଷର ଆରମ୍ଭ 'ମ'ରେ । ଏଇ 'ମ'ରେ ମାଟି, 'ମ'ରେ ମାଆ, 'ମ'ରେ ମିଛ, 'ମ'ରେ ମଦ, 'ମ'ରେ ମୋବାଇଲ, 'ମ'ରେ ମାଇକିନା, 'ମ'ରେ ମୁହଁ, 'ମ'ରେ ଅମାନୁଷିକତା, 'ମ'ରେ ମଣିପୁର, 'ମ'ରେ ମୃତ୍ୟୁ । ଏହି 'ମ' କବଳରୁ ରକ୍ଷାପାଇବାପାଇଁ ମାନବିକତା ଏକମାତ୍ର ମହାମନ୍ତ୍ର । ଏ ଘୋର କଳିକାଳରେ ସେଇ ଶ୍ରୀକୃଷ୍ଣ – ମାୟାଧର – ମାୟାରୂପ ନେଇ କଳ୍କୀ ଭଗବାନ ରୂପରେ ମ୍ଲେଚ୍ଛ ସଂଘାର କରିବାର ବେଳ ଆସିଗଲା । ଏବେ ମାଟି, ମାଇକିନା ପାଇଁ ଯୁଦ୍ଧ ଚାଲିଛି । ଏ ଯୁଦ୍ଧର ପରିଣତି ଆଗକୁ ସାରାପୃଥିବୀକୁ ଧ୍ୱଂସଆଡକୁ ନେଇଯାଉଛି । ଏ ପୃଥିବୀ ଦିନେଦିନେ ଦବିଦବି ପାତାଳକୁ ଯିବ । ପାତାଳରେ ପୃଥିବୀ ନିକ୍ଷେପ ହେବ । ପୃଥିବୀରେ ଭୟଙ୍କର ଦୂର୍ଭିକ୍ଷ ପଡିବ । ଲୋକେ ଖାଦ୍ୟାଭାବରୁ ଛଟପଟ ହେବେ । ପୋକମାଛି ଭଳି ମରିଯିବେ । ସୂର୍ଯ୍ୟ ଆକାଶରୁ ହଜିଯିବେ ।

ଇତିହାସର ନିର୍ଦ୍ଦୟପୃଷ୍ଠାରେ ଲିପିବଦ୍ଧ ହୋଇଛି ଯେ - 'ଭିଏତନାମ' ଓଡିଶା ରାଜ୍ୟଭଳି ଛୋଟ ଦେଶଟାଏ । ସେଠି ଆମ ଓଡିଆଙ୍କ ଭଳି ଚାଷୀମୂଲିଆ ଚାଷବାସକରି ଗୁଜରାଣ ମେଣ୍ଟାନ୍ତି । ସେ ଦେଶ ସମାଜବାଦୀ । ନେତା ହୋ-ଚି-ମିନ୍ । ଆମେରିକା ପାଖରେ ମୁଣ୍ଡ ନଇଁଲେ ନାହିଁ । ଚାଲିଲା ଘମାଘୋଟ ରକ୍ତାକ୍ତ ବିଭତ୍ସ ଯୁଦ୍ଧ ଦୀର୍ଘ ୨୩ବର୍ଷ ଧରି । 'ଭିଏତନାମ' ଜନଗଣ ମାଟି, ମା' ଆତ୍ମସମ୍ମାନ, ଆତ୍ମମର୍ଯ୍ୟାଦା ପାଇଁ ଜୀବନପଣ ଲଢେଇରେ ଅବତୀର୍ଣ୍ଣ ହେଲେ। ଆମେରିକା ସରକାରଙ୍କ ବର୍ବର ସେନାମାନଙ୍କ ବୁକୁଫଟା ଅତ୍ୟାଚାର କାହାଣୀ ଶୁଣିଲେ ଏବେ ମଧ୍ୟ ଦେଶପ୍ରେମୀମାନଙ୍କ ରୁମମୂଳ ଟାଙ୍କୁରି ଉଠେ ।

ରାଜା ଗୋବିନ୍ଦ୍ରଚନ୍ଦ୍ରଙ୍କୁ ବୈରାଗ୍ୟର ଦୀକ୍ଷାଦାନ ଦେବାପୂର୍ବରୁ ତାଙ୍କ ମହିୟସୀ ମାତାଙ୍କର ସତର୍କବାଣୀ ଥିଲା – "ବାଛିନେବ କଞ୍ଚା, ରଖିବ ପାଚିଲା – ବାନ୍ଧିନେବ କାଳଯମ ।" ଏବେ ଖୋଦ୍ କାଳଯମ ଆମ୍ଭମାନଙ୍କର କୃତିମ ଜୀବନଶୈଳୀ ପାଇଁ ଅଭିଶାପ ପାଲଟିଯାଇଛି । ଯାହାଫଳରେ ମାଡିଆସୁଛି ଭୟଙ୍କର ମହାମାରୀ । ମାନବସମାଜ ପ୍ରତି ବଡ ବିପଦ । ଏହା କୋଭିଡ୍-୧୯ କରୋନା ଠାରୁ ଆହୁରି ଭୟଙ୍କର । ଡିଜିଜ୍ ଏକ୍ସ ଆସୁଛି । ଏହା ୫କୋଟି ଲୋକଙ୍କୁ ମୃତ୍ୟୁମୁଖରେ ପକାଇଦେଇପାରେ । ବ୍ରିଟେନ୍ ସ୍ୱାସ୍ଥ୍ୟ ବିଶେଷଜ୍ଞ ଗବେଷଣାନୁଯାୟୀ ଏ ରୋଗ ମଣିଷଠାରୁ ମଣିଷକୁ ବ୍ୟାପିବ । ଏହାର କିଛି ଚିକିତ୍ସା ନାହିଁ । ଆଗକୁ ଘନେଇଆସୁଛି ବଡ ଦୁର୍ଦ୍ଦିନଦାୟକ ମହାବିଭିଷିକା । ତା'ର ଶାଗୁଣାଡେଣାର ଛାଇବିସ୍ତାରି ଥରହର କରିଦେବ ଏ ଦୁନିଆକୁ॥ ୧୯୧୮-୧୯ ଫ୍ଲୁ ମହାମାରୀରେ ବିଶ୍ୱରେ ୫୦ ନିୟୁତ ଲୋକ ପ୍ରାଣ ହରାଇଥିଲେ – ଯାହା ପ୍ରଥମ ବିଶ୍ୱଯୁଦ୍ଧ ମୃତ୍ୟୁସଂଖ୍ୟାର ୨ ଗୁଣ । ଏବେ ଯେଉଁ ଡିଜିଜ୍ ଏକ୍ସ ଆସୁଛି – କେତେଲୋକ ମରିବେ କହିହେଉନି । ବିଶେଷଜ୍ଞମାନେ କହୁଛନ୍ତି ୫ କୋଟିରୁ ଅଧିକ ହେବ । ଏ ସବୁ କାରଣ ହେଉଛି ଜଗତୀକରଣ ଯୋଗୁ । ଗାଁ ଛାଡି ଲୋକେ ସହରରେ ପ୍ରବେଶ କରିଯାଇଛନ୍ତି । ବିଶ୍ୱତାପମାନ, ଜଳବାୟୁ ପରିବର୍ତ୍ତନ, ଜଙ୍ଗଲ ନଷ୍ଟହେବା, ଆଧୁନିକ କୃଷିପ୍ରଣାଳୀ, ଆଦ୍ରଭୂମୀ ନଷ୍ଟ ହେବାଯୋଗୁ ଭୂତାଣୁମାନେ ଗୋଟିଏ ପ୍ରଜାତୀରୁ ଅନ୍ୟ ପ୍ରଜାତୀକୁ ସଂକ୍ରମିତ ହୁଅନ୍ତି । ଜୀବଜନ୍ତୁଙ୍କ ଦେହରେ ପ୍ରବେଶକରି ରୋଗ ସୃଷ୍ଟି କରୁଛନ୍ତି ।

ସଂପ୍ରତି ଭୀଷଣ ତାପମାତ୍ରା ବୃଦ୍ଧିଯୋଗୁ ସ୍ତନପାୟୀ ପ୍ରାଣୀମାନେ ବିଶ୍ୱରୁ ବିଲୁପ୍ତ ହୋଇଯିବେ । ମଣିଷ ମଧ୍ୟ ସ୍ତନପାୟୀ । ସୂର୍ଯ୍ୟରୁ ଅଧିକ ଉତ୍ତାପ ଓ ଅଧିକ ଶକ୍ତି ନିର୍ଗତ ହେଲେ – ପୃଥିବୀ ତତଲା ତାଉଆରେ ଭାଜିହେବ । ପ୍ରାଣୀମାନଙ୍କ ପାଇଁ ଖାଦ୍ୟ, ପାନୀୟ ପରିସ୍ଥିତି ଗମ୍ଭୀର ହୋଇଯିବ । ଉତ୍ତାପ ୫୦ ଡିଗ୍ରୀ ସେଲ୍ସିୟସ୍ ହୋଇଗଲେ – ଜୀବଜଗତ ପୋକମାଛିଭଳି ମରିଯିବେ । ସାତ ମହାଦେଶରେ ଏଭଳି ବିପଦ ପଡିବ । ବର୍ଷବର୍ଷ ଧରି ବିଶେଷକରି ବିଂଶଶତାବ୍ଦୀରେ ଗରମପାଣିରେ ଗାଧୋଇବା ବା ଯେକୌଣସି ପଦାର୍ଥ ଗରମ କରିବାପାଇଁ ଘରକାନ୍ଥରେ କିମ୍ବା ରୁମ୍ରେ ବଏଲର ରଖୁଥିଲେ – ଏବେ ତାହା କାଳ ହୋଇଗଲାଣି । ଏହାଦ୍ୱାରା ଘରକାନ୍ଥ ଭୀଷଣ ଗରମ ହୋଇଯାଉଛି । ଏହି ହିଟ୍ ପମ୍ପକୁ ଚଳାଇବାପାଇଁ ଆମେ ଏନର୍ଜି ବ୍ୟବହାର କରୁଛେ । କାରବନ୍ ଡାଇଅକ୍ସାଇଡ୍ ବଢିବାରେ ଲାଗିଛି । ଯାହାଫଳରେ ବିଭିନ୍ନ ପ୍ରକାର ଅଜଣା ରୋଗକୁ ଆମେ ନିମନ୍ତ୍ରଣ କରିଆଣୁଛେ । ପୁରୁଣା ରୋଗ ନୂଆ ଅବତାରରେ ଉଭା ହେଲେଣି । ମାତ୍ରାଧିକ ଶିଳ୍ପବିସ୍ତାର ଯୋଗୁ ସବୁଜବଳୟ ବିନଷ୍ଟହୋଇ ପ୍ରଦୂଷଣ ବଢିବାରେ ଲାଗିଛି । ପ୍ରତିମୁହୂର୍ତ୍ତରେ ବଦଳୁଛି ପ୍ରକୃତିର ନିୟମ । ବହୁପୂର୍ବରୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପୃଥିବୀ ଉପରେ ପଡିଆସିଛି । ଲଗାତର ଗ୍ରୀଷ୍ମପ୍ରବାହ, ଆକାଶରୁ ନିଆଁବର୍ଷା, ଭୟଙ୍କର ବନ୍ୟା-ବାତ୍ୟା-ମରୁଡି, ଭୂସ୍ଖଳନ, ଭୂମିକମ୍ପ, ସମୁଦ୍ର ଜଳପତନ ବୃଦ୍ଧି ପ୍ରଭୃତିରେ ସମଗ୍ର ବିଶ୍ୱ ଥରହର । ମନୁଷ୍ୟକୃତ କାର୍ଯ୍ୟ ଇନ୍ଧନ ଦହନ, ଗାଡିମଟର, କଳକାରଖାନାରୁ ନିର୍ଗତ କାର୍ବନ ଡାଇଅକ୍ସାଇଡ୍, ଶକ୍ତି ଉତ୍ପାଦନ ପାଇଁ ଇନ୍ଧନ ଜଳାଇବା ଯୋଗୁ ବାୟୁମଣ୍ଡଳ ପ୍ରଦ୍ୟୁଷିତ । ଏହି ସବୁ କାର୍ଯ୍ୟ ବୃଦ୍ଧି ହେବା ଫଳରେ ସ୍ୱାସ୍ଥ୍ୟସମସ୍ୟା ସୃଷ୍ଟି ହେଉଛି । ସଂକ୍ରାମକ, ଅଣସଂକ୍ରାମକ ରୋଗ ବ୍ୟାପିବାରେ ଲାଗିଛି । ସାରାବିଶ୍ୱରେ ଯେଉଁ କିଣା ବୋତଲପାଣି, ଠିପିବନ୍ଦ ପାନୀୟ ବୋତଲ ପାନ କରୁଛେ – ବେପାରୀମାନେ ଅଧିକଦିନ ରଖି ବିକ୍ରି କରିବାପାଇଁ କେମିକାଲ ଦେଇଦିଅନ୍ତି । ସେ ପାନୀୟସବୁ ପାଟିକୁ ମିଠା, ପେଟକୁ ବିଷ ସମାନ । ଆମେ ଖାଦ୍ୟରେ, ପାନୀୟରେ ପ୍ରତିଦିନ ବିଷପାନ କରୁଛେ । ବିଷରଭଣ୍ଡାର ଏ ବିଶ୍ୱ ନିଜର ଭବିଷ୍ୟତହୀନତାକୁ ଭେଟିବାକୁ ଯାଉଛି – ସାମ୍ନାରେ ସେଇ ମହାସନ୍ଧିକ୍ଷଣର ସୂତ୍ରପାତ ପାଇଁ କ୍ଷେତ୍ରପ୍ରସ୍ତୁତ ହୋଇସାରିଲାଣି । ଦିନେ ପୃଥିବୀର ସବୁ ବରଫପାହାଡ ତରଳିବ । ହିମାଳୟ ପାଲଟିଯିବ ଶତସିନ୍ଧୁ । ଜଳପ୍ଲାବନ ପ୍ରବାହିତ ହେବ ସଂସାରସାରା ପ୍ରଳୟପ୍ଲାବନ ମଧ୍ୟରେ ନାପଡା ହୋଇଯିବ ଦିନେ ଭାଗେ ସ୍ଥଳଭାଗର ଏଇ ସୁନ୍ଦର ପୃଥିବୀ । ବୁଡିଯିବ ବନ୍ଧୁଭରା ବସୁନ୍ଧରା । ନାଦବିନ୍ଦୁରେ ବିଲୀନ ହୋଇଯିବ ବିଶ୍ୱମଣ୍ଡଳୀୟ ବୃତ୍ତଟି ଆମର । ପୃଥିବୀ ପାତାଳୀ ହୋଇଯିବ ।

ବର୍ତ୍ତମାନ ସବୁଠୁ ଭୟଙ୍କର ଇଣ୍ଟରନେଟ୍ ବନ୍ଦ ହୋଇଯାଇପାରେ । ଇଣ୍ଟରନେଟ୍ ବନ୍ଦ ହୋଇଗଲେ, ମୋବାଇଲ୍, କମ୍ପ୍ୟୁଟର, ଲାପଟପ୍, ଅନଲାଇନ୍ ସବୁକିଛି ଠପ୍ ହୋଇଯିବ । ମୋବାଇଲ୍ ବନ୍ଦ ହେଲେ ଯୁବକଯୁବତୀମାନେ ପାଗଳ/ପାଗିଳୀ ହୋଇଯିବେ । ବ୍ୟାଙ୍କ୍ ବନ୍ଦ, ଅର୍ଥନୀତି ଠପ୍ ! ବିଶ୍ୱ ଅର୍ଥନୀତି ହେବ ବିପର୍ଯ୍ୟସ୍ତ । ଆଗକୁ ସୌରଝଡ ମାସମାସଧରି ଲାଗିରହିବାର ସମ୍ଭାବନା ଦେଖାଦେଲାଣି । ଆମେରିକାର 'ନାସା'ଠାରୁ ବିଶ୍ୱର ଯେତେ ନାମଜାଦା ମାନମନ୍ଦିରରେ ବୈଜ୍ଞାନିକବର୍ଗ ଗବେଷଣାରତ ଅଛନ୍ତି – ସେମାନେ ହିଁ ଏପରି ଚୂଡାନ୍ତ ଅପ୍ରୀତିକର ଭବିଷ୍ୟବାଣୀ ଶ୍ରୁତିଗୋଚରୀଭୂତ କରାଉଛନ୍ତି ।

ନିପୀଡିତ ନିଃସ୍ୱର ନିଃଶ୍ୱାସରେ ବିଶ୍ୱ ଳଜିବାକୁ ଯାଉଛି । ଯେତେଯାହା କଲେବି ରକ୍ତର ସମୁଦ୍ର ମଧ୍ୟରେ ସତ୍ୟକୁ ହତ୍ୟା କରାଯାଇପାରେନା । ବିଶ୍ୱର ସବୁଦେଶ, ଜାତିସଂଘ, ବିଶ୍ୱବ୍ୟାଙ୍କ, ଆନ୍ତର୍ଜାତୀୟ ମୁଦ୍ରାପାଣ୍ଠି ପ୍ରମୁଖ ପ୍ରତିନିଧିମାନେ ବିଶ୍ୱର ଏ ସଂକଟକୁ ମୁକାବିଲା କରିବାପାଇଁ କୌଣସି ସୂତ୍ର ବାହାର କରିପାରୁନାହାଁନ୍ତି । ଭୋକ ଓ ରୋଗ ଦୁଇଟା ଛୋଟ ଶବ୍ଦ – ଏ ଶବ୍ଦକୁ ଲୋପ କରିବାକୁ କୌଣସି ପରମାଣୁବୋମା ସୃଷ୍ଟି ହୋଇନି । କେବଳ ଯୁଦ୍ଧପାଇଁ ମଣିଷ ମାରିବାପାଇଁ ପରମାଣୁବୋମା ସୃଷ୍ଟି ହୋଇଛି । ବିଶ୍ୱର ବହୁଳାଂଶ ମଣିଷ ଭବିଷ୍ୟତ ବିପଦ ଆଡେ ନଜର ନଦେଇ ବର୍ତ୍ତମାନ କିଭଳି ଭଲରେ କଟାଇବେ – ସେଥିରେ ମାତିଛନ୍ତି । ଏ ମହାମାରୀ ଭୟଙ୍କର ବିପଦ ତାଙ୍କ କାନରେ ପଶୁନି କି ଆଖିକୁ ଦେଖାଯାଉନି । ଯାହା ଜଣାଯାଉଛି – ତା'ହେଲେ ଏ ପୃଥିବୀର ଜୀବଜଗତ ରୋଗ ଓ ଭୋକରେ କ'ଣ ମରିଯିବେ ? ବିଶ୍ୱର କୃତିମ ଜୀବନଶୈଳୀ ଏ କାଳଯମକୁ ଡାକିଆଣିବ ? ଆମେ କ'ଣ ପ୍ରାକୃତିକ ଜୀବନଶୈଳୀ ଆପଣେଇପାରିବାନାହିଁ ? ଏ ସଂପର୍କରେ ଗଭୀର ଚିନ୍ତାଭାବନା କରିବାର ସମୟ ଉପଗତ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୮ ଫେବୃୟାରୀ ୨୦୨୪ ବୁଧବାର

# ଆଭା

# ଲକ୍ଷ୍ମୀ 'ଶ୍ରୀ', ନାରାୟଣ 'ଶ୍ରୀଶ'



ଦେବୀ ଲକ୍ଷ୍ମୀଙ୍କର ଅନ୍ୟନାମ 'ଶ୍ରୀ'। ତାଙ୍କର ଈଶ ବା ସ୍ୱାମୀ ହେଉଛନ୍ତି 'ଶ୍ରୀଶ' ବା ନାରାୟଣ। ଶ୍ରୀ ବା ଲକ୍ଷ୍ମୀ ସାଗର ମନ୍ଥନରୁ ଉଦ୍ଭୂତା ହୋଇଥିଲେ। ତା'ପରେ ସେ ବିଷ୍ଣୁଙ୍କର ପତ୍ନୀ ହେଲେ। ତାଙ୍କର ସ୍ୱାମୀ ଭାବରେ ବିଷ୍ଣୁଙ୍କର ନାମ ହେଲା 'ଶ୍ରୀ-ଈଶ'- 'ଶ୍ରୀଶ'। 'ଋଗ୍‌ବେଦ'ର ପଞ୍ଚମ ମଣ୍ଡଳର ଅନ୍ତିମ ଭାଗରେ ଥିବା ପନ୍ଦରଟି ମନ୍ତ୍ର 'ଶ୍ରୀସୂକ୍ତ' ରୂପେ ଖ୍ୟାତ। ସେଥିରେ ଦେବୀ ଲକ୍ଷ୍ମୀଙ୍କର ବର୍ଣ୍ଣନା ଓ ବନ୍ଦନା କରାଯାଇଛି। ଲକ୍ଷ୍ମୀ ଯେ ବିଷ୍ଣୁଙ୍କର ଶକ୍ତି, ସେ ସଂପର୍କରେ ତାହା ପ୍ରଥମ ଉଲ୍ଲେଖ। ଲକ୍ଷ୍ମୀ ପ୍ରସନ୍ନା ହେବାପାଇଁ ସେଥିରେ ଲକ୍ଷ୍ମୀପତିଙ୍କୁ ପ୍ରାର୍ଥନା କରାଯାଇଛି। 'ଶ୍ରୀସୂକ୍ତ'ର ପ୍ରଥମ ମନ୍ତ୍ରରେ କୁହାଯାଇଛି- ହେ ଲକ୍ଷ୍ମୀପତି ! ଆପଣ ସେହି ଲକ୍ଷ୍ମୀଙ୍କୁ ମୋର ଅଭିମୁଖୀ କରାନ୍ତୁ, ଯିଏ ହିତୈଷିଣୀ ଏବଂ ରମଣୀୟା। ସେ ସମସ୍ତ ପାପର ବିନାଶକାରିଣୀ। ସେ ମାଲ୍ୟ ଓ ଆଭୂଷଣରେ ଭୂଷିତା ଏବଂ ସ୍ୱର୍ଣ୍ଣାଦି ସମସ୍ତ ସମ୍ପତ୍ତିର ଅଧିକାରିଣୀ। ସେହିପରି, 'ଶ୍ରୀସୂକ୍ତ'ର ଦ୍ୱିତୀୟ ମନ୍ତ୍ରରେ କୁହାଯାଇଛି- ହେ ଲକ୍ଷ୍ମୀପତି ! ଆପଣଙ୍କର ନିତ୍ୟ ସହଚରୀ ଏବଂ ଭକ୍ତଙ୍କ ପ୍ରତି ସତତ ଅନୁରାଗିଣୀ ଲକ୍ଷ୍ମୀଙ୍କୁ ଆପଣ ମୋର ଅଭିମୁଖୀ କରାନ୍ତୁ। ତାଙ୍କର ସାନ୍ନିଧ୍ୟରେ ମୂଲ୍ୟବାନ ଧାତୁ ଆଦି ସଂପତ୍ତି, ଗୋ, ଅଶ୍ୱ ଆଦି ପଶୁଧନ ଏବଂ ପୁତ୍ର ଆଦି ପରିଜନ ପ୍ରାପ୍ତ ହୁଅନ୍ତି। 'ଶ୍ରୀସୂକ୍ତ'ର ଏହି ଦୁଇ ଆଦ୍ୟ ଶ୍ଳୋକ 'ଶ୍ରୀ' ବା ଲକ୍ଷ୍ମୀଙ୍କ ସହିତ 'ଶ୍ରୀଶ' ବା ବିଷ୍ଣୁଙ୍କର ଘନିଷ୍ଠତା ସୂଚାଏ। ଐତିହାସିକ ତଥ୍ୟ କହେ, ଯେ ଆମ ଦେଶରେ ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀର ସନ୍ଥ ରାମାନୁଜଙ୍କ ସମୟରୁ, ବିଷ୍ଣୁଶକ୍ତି ଭାବରେ ଦେବୀ ଲକ୍ଷ୍ମୀଙ୍କର ଉପାସନା ବିଶେଷ ଲୋକପ୍ରିୟତା ଲାଭ କରି ଆସିଛି। ବିଶେଷକରି, ମାର୍ଗଶିର ମାସ ହେଉଛି ଲକ୍ଷ୍ମୀପୂଜାର ବିଶେଷ ମାସ। ଏହି ମାସର ଗୁରୁବାରଗୁଡ଼ିକରେ ଘରେ ଘରେ ଦେବୀ ଲକ୍ଷ୍ମୀ ପୂଜା ପାଆନ୍ତି। ତେବେ ଅନ୍ୟ ସବୁ ମାସର ଗୁରୁବାରଗୁଡ଼ିକ ମଧ୍ୟ ଲକ୍ଷ୍ମୀଙ୍କର ପ୍ରିୟ ଏବଂ ଲକ୍ଷ୍ମୀପୂଜା ପାଇଁ ପ୍ରଶସ୍ତ।

## ଅଲକ୍ଷ୍ମୀ ବି ପାଆନ୍ତି ପୂଜା



ଅଂଶୁମଦଭେଦାଗମ, ପୂର୍ବକାରଣାଗମ, ଲିଙ୍ଗପୁରାଣ, ବିଷ୍ଣୁଧର୍ମୋତ୍ତର ପୁରାଣ ଆଦି ଗ୍ରନ୍ଥମାନଙ୍କର ବର୍ଣ୍ଣନା ଅନୁସାରେ, ସମୁଦ୍ର ମନ୍ଥନ କାଳରେ କାଳକୂଟ ବିଷର ନିର୍ଗମନ ପରେ କ୍ଷୀରସାଗର ମଧ୍ୟରୁ ଏକ କୃଷ୍ଣବର୍ଣ୍ଣା, ଦ୍ୱିଭୁଜା, ଦୀର୍ଘ ନାସିକାଯୁକ୍ତା, ହସ୍ତୀମୁଖୀ, ସ୍ଖଳିତ ପୃଥୁଳସ୍ତନା, ପୃଥୁଳଜଂଘା, ସ୍ଫୀତଉଦରା, ଲୋଳିତଓଷ୍ଠା, ଲୋହିତ ବସ୍ତ୍ର ପରିହିତା ଏକ ବିକଟଦର୍ଶନା ନାରୀଙ୍କର ଆବିର୍ଭାବ ହୋଇଥିଲା। ସାଗରକନ୍ୟା ଲକ୍ଷ୍ମୀଙ୍କ ପୂର୍ବରୁ ଜାତ ହୋଇଥିବାରୁ ତାହାଙ୍କୁ ଏହି ଗ୍ରନ୍ଥମାନଙ୍କରେ ଜ୍ୟେଷ୍ଠାଦେବୀ, ଦରିଦ୍ରାଦେବୀ, ଅଗ୍ନିମାତା, ଅଲକ୍ଷ୍ମୀ, କପିଳପତ୍ନୀ, ରକ୍ତଜ୍ୟୋଷ୍ଠା ଆଦି ନାମରେ ନାମିତ କରାଯାଇଛି। ସେ ଏକାଧାରରେ ଦାରିଦ୍ର, ଦୁଃଖ, କଳହ ଓ ପାପାଚାରର ଅଧୀଶ୍ୱରୀ ହୋଇଥିବାରୁ, ଦେବ, ଦାନବ, ଦୈତ୍ୟ କି ନାଗ କେହି ତାଙ୍କୁ ଗ୍ରହଣ କଲେ ନାହିଁ। ଦୈବ ନିର୍ଦ୍ଦେଶରେ ଦୁଃସହ ନାମକ ଜଣେ ତପସ୍ୱୀ ତାଙ୍କୁ ବିବାହ କରି ତାଙ୍କ ଆଶ୍ରମକୁ ନେଇଗଲେ। କିନ୍ତୁ ତପସ୍ୱୀଙ୍କର ଆଶ୍ରମ ଜ୍ୟେଷ୍ଠାଙ୍କୁ ଦୁର୍ବିଷହ ମନେହେଲା। ତାଙ୍କର କଷ୍ଟ ଦେଖି ଦୁଃସହ ଏହାର ନିରାକରଣ ପାଇଁ ମାର୍କଣ୍ଡେୟଙ୍କର ପରାମର୍ଶ ଲୋଡ଼ିଲେ। ମାର୍କଣ୍ଡେୟ କହିଲେ, ଜ୍ୟେଷ୍ଠା ସେହି ସ୍ଥାନରେ ଆନନ୍ଦରେ ରହିବେ- ଯେଉଁଠି ସ୍ୱାମୀ-ସ୍ତ୍ରୀ ଅହରହ କଳହ କରୁଥିବେ। ପରିବାର ପରିଜନମାନେ ଯେଉଁଠି ସର୍ବଦା ଈର୍ଷା, ଦ୍ୱେଷ, କର୍କଶ ଭାଷଣ, ପାପାଚାରରେ ବୁଡ଼ି ରହିଥିବେ। ଘରଦ୍ୱାର ଅପରିଷ୍କାର ରହୁଥିବ। ହୋମ ଯଜ୍ଞ ଆଦି ପବିତ୍ର ଅନୁଷ୍ଠାନ ହେଉ ନଥିବ। ମିଥ୍ୟାଚାରରେ ଲିପ୍ତ ପଣ୍ଡିତ ରହିଥିବେ। ଶିଶୁମାନେ ଅବହେଳିତ ହେଉଥିବେ। ତୁମେ ତାଙ୍କୁ ସେପରି ସ୍ଥାନରେ ରଖ। ଋଷି ଦୁଃସହ ଜ୍ୟେଷ୍ଠାଙ୍କୁ ସେହିପରି ଘରେ ଆଶ୍ରୟ ନେବାପାଇଁ କହି ତପସ୍ୟା କରିବାକୁ ପାତାଳଲୋକକୁ ଚାଲିଗଲେ।


ସାଧାରଣତଃ ଗୃହସ୍ଥମାନେ ଅଲକ୍ଷ୍ମୀ ବା ଜ୍ୟେଷ୍ଠାଙ୍କ ଆଗମନର ପ୍ରତିରୋଧ କରିବାପାଇଁ ଗୃହଦ୍ୱାରରେ ଆମ୍ରପତ୍ର, ପୂର୍ଣ୍ଣକଳସ, କଦଳୀଗଛ, ଗେଣ୍ଡୁଫୁଲ ଟାଙ୍ଗି, ଗୋବର ଲେପନ କରିଥାନ୍ତି। ବିଶ୍ୱାସ ଅଛି, ଏହାଦ୍ୱାରା ଅଲକ୍ଷ୍ମୀ ଦୂରୀଭୂତ ହୋଇଯାଆନ୍ତି ଏବଂ ଲକ୍ଷ୍ମୀ ପ୍ରବେଶ କରନ୍ତି। ମାତ୍ର ଏସବୁ ସତ୍ତ୍ୱେ, ଗୃହ ମଧ୍ୟରେ ଯଦି କଳହ, ବିବାଦ, ଷଡ଼୍‌ଯନ୍ତ୍ର, ଅଶାନ୍ତି ଆଦି ରହେ, ତା'ହେଲେ ଏହି ଜ୍ୟେଷ୍ଠାଦେବୀ ଅନାୟାସରେ ପ୍ରବେଶ କରିଥାନ୍ତି। ତାଙ୍କୁ ଆବାହନ କରିବାପାଇଁ ବେଦମନ୍ତ୍ରର ଆବଶ୍ୟକତା ପଡ଼େ ନାହିଁ। କଳହ, କର୍କଶବଚନ, ମିଥ୍ୟାଭାଷଣ, ଛଳନା ହିଁ ତାଙ୍କର ପୂଜାମନ୍ତ୍ର। ମନ୍ଦିରମାନଙ୍କର କୌଣସି ଏକ କୋଣରେ ଏହି ଦେବୀଙ୍କର ମୂର୍ତ୍ତି ଦେଖାଯାଏ। ଏକ ହସ୍ତରେ ନୀଳ ବା ଶ୍ୱେତ ପଦ୍ମ, ଅଳଂକାର ବିମଣ୍ଡିତ ଶରୀର, ହାତ ଭରାଦେଇ ସିଂହାସନ ଉପରେ ଉପବେଶନରତ, ଧ୍ୱଜାରେ ଏକ କାକପକ୍ଷୀ, ପାଦତଳେ ଏକ ଗଧ ତଥା ଦୁଇ ପାଖରେ ଏକ ବୃଷଭମୁଖ ପୁରୁଷ ଓ ସୁନ୍ଦରୀ ନାରୀ ଦଣ୍ଡାୟମାନ। ପାଖରେ କିଛି ହିଂସ୍ର ଜନ୍ତୁ ମଧ୍ୟ ଦେଖାଯାଆନ୍ତି। ଆଲୋକ ଓ ଅନ୍ଧାରର ଅସ୍ତିତ୍ୱ ପରି, ଶୁଦ୍ଧ ମନ୍ଦିର ପ୍ରାଙ୍ଗଣରେ ସେ ରହିଥାନ୍ତି।


## କେମିତି ସହଜରେ ସଫଳତା ପାଇବେ ?



ଅର୍ଥଶାସ୍ତ୍ର ରଚୟିତା ତଥା ଦାର୍ଶନିକ ଚାଣକ୍ୟ ଦେଇ ଯାଇଥିବା ହିତ ଉପଦେଶ କେତେ ଜରୁରୀ ତାହା ତ ସମସ୍ତେ ପ୍ରାୟ ଜାଣନ୍ତି। ତାଙ୍କର କଥା ସବୁ ଅକ୍ଷରେ ଅକ୍ଷରେ ସତ। ସେ ସବୁକୁ ମାନି ଚାଲିଲେ ଶୃଙ୍ଖଳିତ ଜୀବନ ବିତାଇବା ଥୟ। ତେବେ, ଆସନ୍ତୁ ଜାଣିବା ଚାଣକ୍ୟଙ୍କ କହିବା ଅନୁଯାୟୀ ଯଦି ଆପଣ କିଛି ନୂଆ କାର୍ଯ୍ୟ ଆରମ୍ଭ କରିବାକୁ ଯାଉଛନ୍ତି ତେବେ କେଉଁ ସବୁ ଦିଗକୁ ଧ୍ୟାନ ଦେବା ଉଚିତ। ତା'ହେଲେ ଯାଇ ଶୀଘ୍ର ସଫଳତା ପ୍ରାପ୍ତ ହୋଇପାରିବ। ପ୍ରଥମେ ଆମକୁ ନିଜ ଭାବନା ଉପରେ ଆୟତ୍ତ ରଖିବାକୁ ହେବ। କୌଣସି ବି କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଯଦି ସାମାନ୍ୟତମ ନକାରାତ୍ମକ ଭାବନା ମନ ଭିତରେ ସୃଷ୍ଟି ହୁଏ ତେବେ କାର୍ଯ୍ୟରେ ସଫଳତା ପାଇବା ଏକ ରକମର ଅସମ୍ଭବ ହୋଇପଡ଼େ। ତେଣୁ ସବୁ କାର୍ଯ୍ୟ ପାଇଁ ସକାରାତ୍ମକ ହେବା ଜରୁରୀ ହୋଇଥାଏ। କିଛି ବି କାର୍ଯ୍ୟ କରିବା ପୂର୍ବରୁ ପ୍ରଥମେ ସେଇ ଦିଗରେ ନିଜର ଦକ୍ଷତା ରହିଛି କି ନାହିଁ ପରଖି ଦିଅନ୍ତୁ। ସଂସାରରେ କେହି ବି ଅଜ୍ଞାନୀ ହୋଇନଥାନ୍ତି। ବାସ୍ ? ନିଜ ଦକ୍ଷତା ହିସାବରେ କାର୍ଯ୍ୟ କଲେ ହିଁ ବ୍ୟକ୍ତିର ଜ୍ଞାନ ଫୁଟି ବାସିଥାଏ। ଯଦି ଆଗକୁ ବଢ଼ିବାକୁ ଚାହାନ୍ତି ବା କିଛି ନୂଆ କରିବାର ଇଚ୍ଛା ରଖିଛନ୍ତି ତେବେ ପ୍ରଥମେ ଆପଣଙ୍କ ଯେତେ ଶତ୍ରୁ ଅଛନ୍ତି ସେମାନଙ୍କୁ ବନ୍ଧୁ କରିବାରେ ଲାଗିପଡ଼ନ୍ତୁ। ଆପଣ ଯେତେ ଭଲ ସଂପର୍କ ଗଢ଼ି ପାରିବେ ସଫଳତା ସେତେ ନିକଟତର ହେବାକୁ ଲାଗିବ। ମନେ ରଖନ୍ତୁ, ଉତ୍ତମ ସଂପର୍କ ମଣିଷର ସମ୍ପତ୍ତି ହୋଇଥାଏ। ଶରୀର ଠିକ୍ ନ ରହିଲେ କାର୍ଯ୍ୟ କରିବା ଦୂରର କଥା ଦାନାଟିଏ ପାଟିକୁ ଦେବାକୁ ବି ଇଚ୍ଛା ହୁଏ ନାହିଁ। ତେଣୁ ଆପଣଙ୍କର ପ୍ରାଥମିକ କାର୍ଯ୍ୟ ହେଉଛି ନିଜ ଶରୀରର ଉଚିତ ଭାବରେ ଯତ୍ନ ନେବା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଶେଷ ଶିକ୍ଷା ହେଉଛି ଗୋପନୀୟତା ବଜାୟ ରଖିବା। ଆପଣ କିଛି କରିବାକୁ ଯାଉଥିଲେ ତାହା କାହାରି ସମ୍ମୁଖରେ କହନ୍ତୁ ନାହିଁ। ଆପଣ ସଫଳ ହେଲେ ସାରା ଦୁନିଆ ଜାଣିବ। ମାତ୍ର ସଫଳତା ପୂର୍ବରୁ ଯଦି ଆପଣ ଦୁନିଆକୁ ନିଜର ଯୋଜନା ବିଷୟରେ କହି ବସନ୍ତି ତେବେ ଏ ଦୁନିଆ ଆପଣଙ୍କ ଗୋଡ଼ ଟାଣିବାକୁ କେବେ ବି ହେଳା କରିବ ନାହିଁ।

## ଅଧିକ ବସିବା ମହିଳାମାନଙ୍କ ପାଇଁ ଧୂମପାନ ଭଳି କ୍ଷତିକାରକ






ଅଧିକ ସମୟ ବସିବା ଜନିତ କ୍ଷତିକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଧୂମପାନ ସହ ତୁଳନା କରିଛନ୍ତି। ମହିଳାମାନଙ୍କ ସ୍ୱାସ୍ଥ୍ୟ ଉପରେ ପର୍ଯ୍ୟବସିତ ଏକ ନୂଆ ଗବେଷଣାରୁ ଏହି ଆଶ୍ଚର୍ଯ୍ୟଜନକ ଦିଗ ଉନ୍ମୋଚିତ ହୋଇଛି। ଯେଉଁମାନେ ଦୈନିକ ଛଅ ଘଣ୍ଟାରୁ ଅଧିକ ସମୟ ବସିଥା'ନ୍ତି, ଦୈନିକ ଦୁଇ ଘଣ୍ଟାରୁ କମ୍ ବସୁଥିବା ମହିଳାଙ୍କ ତୁଳନାରେ ସେମାନଙ୍କ ଗର୍ଭାଶୟରେ ଫାଇବ୍ରଏଡ୍ ରୋଗ ହେବାର ଆଶଙ୍କା ଦୁଇଗୁଣ ବଢ଼ିଥାଏ।

ଉଲ୍ଲେଖଯୋଗ୍ୟ, ଫାଇବ୍ରଏଡ୍ ହେଉଛି ଗର୍ଭାଶୟର ମାଂସପେଶୀ ଓ ତନ୍ତୁର ଏକ ଅଣକର୍କଟ ବୃଦ୍ଧି ଯାହା ବେଳେ ବେଳେ ଗର୍ଭାଶୟ କାନ୍ଥରେ ବା ବାହାରେ ମଧ୍ୟ ବିକଶିତ ହୋଇଥାଏ। ଚୀନ୍‌ର କୁନ୍‌ମିଙ୍ଗ ବିଶ୍ୱବିଦ୍ୟାଳୟର ଗବେଷକମାନେ ଏହି ଗବେଷଣାରେ ୬,୬୦୦ ମହିଳାଙ୍କୁ ସାମିଲ କରି ଏହି ନିର୍ଯ୍ୟାସରେ ପହଞ୍ଚିଛନ୍ତି। ଏହି ମହିଳାମାନେ ୩୦ରୁ ୫୫ ବର୍ଷ ବୟସର ହୋଇଥିବା ବେଳେ କାହାର ରଜୋନିବୃତ୍ତି ଘଟି ନଥିଲା। ସେମାନଙ୍କୁ ସେମାନଙ୍କ ଦୈନିକ ବସିବା ସମୟ ଆଧାରରେ ଚାରିଟି ବର୍ଗରେ ବିଭକ୍ତ କରାଯାଇଥିଲା, ଯଥା: ଯେଉଁମାନେ ଦିନକୁ ଦୁଇ ଘଣ୍ଟା ବସିଥାନ୍ତି, ସେହିପରି ଦୁଇରୁ ଚାରି ଘଣ୍ଟା, ଚାରିରୁ ଛଅ ଘଣ୍ଟା ଏବଂ ଛଅଘଣ୍ଟାରୁ ଅଧିକ। ମୋଟ ୫୬୨ ଜଣ ମହିଳାଙ୍କ ଠାରେ ଫାଇବ୍ରଏଡ୍ ଥିଲା, ଯେଉଁଥିରେ ୫୦ ବର୍ଷରୁ ଅଧିକ ବୟସର ମହିଳାଙ୍କ ଠାରେ ସର୍ବାଧିକ ହାର ଦେଖିବାକୁ ମିଳିଥିଲା।

ସେହିପରି ଆରିଜୋନା ବିଶ୍ୱବିଦ୍ୟାଳୟ ଓ ଦକ୍ଷିଣ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ ଦ୍ୱାରା ମିଳିତ ଭାବେ କରାଯାଇଥିବା ଅନ୍ୟ ଏକ ଗବେଷଣାରୁ ଜଣାପଡ଼ିଛି ଯେ ଯେଉଁମାନେ ଦୈନିକ ୧୦ ଘଣ୍ଟାରୁ ଅଧିକ ସମୟ ବସି ରହନ୍ତି, ସେମାନଙ୍କୁ ଡିମେନ୍‌ସିଆ ହେବାର ଆଶଙ୍କା ଅଧିକ।

## ଜଳୌକା ପାହାଡ଼ରେ ରହିଛି ୭୫୨ଗୁମ୍ଫା

### ବିଷାକ୍ତ ସାପଙ୍କୁ ପ୍ରଭାବଶୂନ୍ୟ କରେ 'ଅହିବଟ'



ଓଡ଼ିଶାର ନଦୀ, ବନ, ପର୍ବତ ମଧ୍ୟରେ ଲୁଚି ରହିଛି ପ୍ରାଚୀନ ଓଡ଼ିଶାର ଧର୍ମ, ସଂସ୍କୃତି, କଳାକୃତି, ଲୋକବିଶ୍ୱାସର ଅସୁମାରି ପଦଚିହ୍ନ। ସେ ମଧ୍ୟରୁ ଜଳୌକା ପାହାଡ଼ ଅନ୍ୟତମ। ବିରୂପା ନଦୀର ପଶ୍ଚିମତଟ ଓ ମଣ୍ଡଳ ପର୍ବତର ପୂର୍ବଦିଗରେ ତିନି କିଲୋମିଟର ସ୍ଥାନରେ ପରିବ୍ୟାପ୍ତ ଜଳୌକା ପାହାଡ଼। ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀ ଏଠାରେ ଆଶ୍ରମ କରି ଅବସ୍ଥାନ କଲାପରେ ସଂପ୍ରତି ଏହା କିଛିଟା ଚଳଚଞ୍ଚଳ ହୋଇଛି। କିନ୍ତୁ ପୂର୍ବରୁ ଏହି ସ୍ଥାନଟି ପ୍ରାୟ ନିକାଞ୍ଚନ ଥିଲା। କାରଣ ଏହା ସିଦ୍ଧ ସନ୍ନ୍ୟାସୀମାନଙ୍କର ତପସ୍ୟାସ୍ଥଳ। ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ଷୋଳସହସ୍ର ଗୋପୀ ପରିବେଷ୍ଟିତ ହୋଇ ଏଠାରେ ରାସକ୍ରୀଡ଼ା କରୁଥିଲେ। ଏବଂ ଏହା ମଧ୍ୟ ଥିଲା ଶ୍ରୀକୃଷ୍ଣଙ୍କର ଅଷ୍ଟ ପାଟବଂଶୀଙ୍କର ବିଶ୍ରାମ ସ୍ଥଳ। ଏହା କୌଣସି କାଳ୍ପନିକ କଥା ନୁହେଁ। ସିଦ୍ଧ ମହାପୁରୁଷ ଅଚ୍ୟୁତାନନ୍ଦ ତାଙ୍କର ଗରୁଡ଼ ପୁରାଣ, ଶିବକଳ୍ପ ଆଦି ଗ୍ରନ୍ଥରେ ଦେବଭୂମି ଜଳୌକ ସଂପର୍କରେ ଯେଉଁ ଉଲ୍ଲେଖ କରିଛନ୍ତି ଏବଂ ସଂପ୍ରତି ଏଠାରେ ତା'ର ସ୍ମୃତିସ୍ୱରୂପ ଯେଉଁ ସ୍ଥାନ, ଗୁମ୍ଫା ଓ ବୃକ୍ଷଲତାମାନ ରହିଛି, ସେମାନେ ତାହାର ସ୍ମାରକୀ ବହନ କରିଛନ୍ତି। ଏହି ପର୍ବତରେ ଏକ ଗୁମ୍ଫା ରହିଛି ଯାହାକୁ ନଳୀ ଗୁମ୍ଫା କୁହାଯାଏ। ସେ ମଧ୍ୟରେ ୭୫୨ଗୁମ୍ଫା ରହିଛି ଏବଂ ତା ଭିତରେ ସାଧୁ ସନ୍ଥମାନେ ଏବେ ମଧ୍ୟ ଲୁକ୍କାୟିତ ଭାବରେ ରହି ତପସ୍ୟା କରୁଛନ୍ତି। ଏଣୁ ଅଚ୍ୟୁତାନନ୍ଦ ଲେଖିଛନ୍ତି- "ଉପାଧି ବୈଷ୍ଣବମାନେ ଅଛନ୍ତି ଏଠାରେ। ସନକାଦି ଆସନ୍ତି ଯେ ସନ୍ଧ୍ୟା ସମୟରେ।" ଏହି ଗୁମ୍ଫାମାନଙ୍କ ମଧ୍ୟରେ ଏକ ଗୁମ୍ଫା ରହିଛି, ଯାହାର ନାମ ମଣିନାଗ ଗୁମ୍ଫା।

"ସାତଶ ବାଉନ ମଧ୍ୟରେ ସାର,
ମଣିନାଗ ଗୁମ୍ଫା ନାମ ଯାହାର।
ମଣିନାଗ ଗୁମ୍ଫା ମହିମା ଅପାର
ପାତାଳକୁ ଦ୍ୱାର ଯାର।
ଶତଶତ ମୁନି ସାଧନା କରନ୍ତି
ମହିମା ଅଟେ ଅପାର।"

କଥିତ ଅଛି, ପ୍ରତିବର୍ଷ ଗର୍ଭଣା ସଂକ୍ରାନ୍ତି ଦିନ ଏହି ଗୁମ୍ଫା ମଧ୍ୟରୁ ମଣିନାଗ ବାହାରି ବିରୂପାନଦୀ ଯାଇ ଜଳପାନ କରି ଫେରିଆସନ୍ତି। ବର୍ଷସାରା ଏହି ଗୁମ୍ଫାର ଦ୍ୱାର ବନ୍ଦ ରହେ। ଏଠାରେ ଥିବା ତିନିଟି ସୁଦୃଶ୍ୟ ଗୁମ୍ଫା ମଧ୍ୟରୁ ଗୋଟିଏ ଗୁମ୍ଫାରେ ରାମଚନ୍ଦ୍ର ରହୁଥିଲେ। ଅନ୍ୟ ଏକ ଗୁମ୍ଫା ମଧ୍ୟରେ ପଞ୍ଚସଖା ଯୁଗର ସମସାମୟିକ ବାସୁବାବାଙ୍କର ପ୍ରତିମୂର୍ତ୍ତି ରହିଛି। ତୃତୀୟ ଗୁମ୍ଫାରେ ପତିତପାବନଙ୍କ ସହିତ ଅଷ୍ଟପାଟବଂଶୀ, ରାଧାକୃଷ୍ଣ ଓ ଗୋପୀମାନଙ୍କର ପ୍ରତିକୃତି ରହିଛି। ଏଠାରେ ଏକ ବୃହତ୍ ବଟବୃକ୍ଷ ଅଛି, ଯାହାର ନାମ 'ଅହିବଟ'। ମହାବାତ୍ୟା କାଳରେ ମଣିନାଗ ଜଳୌକା ପାହାଡ଼ରେ ଥିବା ବୃକ୍ଷଲତା କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ଏହି ବଟବୃକ୍ଷର ପତ୍ରଟିଏ ବି ଝଡ଼ି ନଥିଲା। ତେଣୁ କୁହାଯାଏ, ଏହି ବଟବୃକ୍ଷର ଦେହରେ ଅଛି ପଶୁ କେଦାର ଗଦ। ରାତିରେ ଏହି ଗୁମ୍ଫାମାନଙ୍କରୁ ସର୍ପମାନେ ବାହାରିଲେ ମଧ୍ୟ ଗଦ ପ୍ରଭାବରୁ କାହାର କୌଣସି କ୍ଷତି କରନ୍ତି ନାହିଁ। ସଂପ୍ରତି ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମା ସମୟରେ ଏଠାରେ ମହାରାସ ହୋଇଥାଏ।

## କନ୍ଦମୂଳ ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ ଅଟେ

ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପଯୋଗୀ ହୋଇଥାଏ କନ୍ଦମୂଳ । କନ୍ଦମୂଳ ଖାଇବା ଦ୍ୱାରା ଶରୀରର ଇମ୍ୟୁନିଟି ବଢିଥାଏ। ଏହା ସବୁ ପ୍ରକାରର ପନିପରିବା ଠାରୁ ଲାଭଦାୟକ ହୋଇଥାଏ । କେହି କେହି ଏହାକୁ ସ୍ୱିଟ ପୋଟାଟୋ ମଧ୍ୟ କହନ୍ତି। ଯେମିତି ମିଠା ଏହାର ସ୍ୱାଦ ଥାଏ ସେମିତି ଲାଭଦାୟକ ଶରୀର ପାଇଁ ହୋଇଥାଏ। ତେବେ ଜାଣନ୍ତୁ କନ୍ଦମୂଳ ଖାଇବା ଦ୍ୱାରା କେଉଁ କେଉଁ ରୋଗ ହୋଇନଥାଏ । ଆପଣ ଜାଣନ୍ତି କି, ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ୧୪ ବର୍ଷ ବନବାସ ସମୟରେ କନ୍ଦମୂଳ ଖାଇ ରହିଥିଲେ । କନ୍ଦମୂଳରେ ଭିଟାମିନ୍ ସି, କ୍ୟାଲସିୟମ୍, ଆଇରନ୍ ଏବଂ ଫାଇବର ବ୍ୟତିତ ବିଟା କ୍ୟାରୋଟିନ ପ୍ରଚୁର ମାତ୍ରାରେ ମିଳିଥାଏ । ଏଥିପାଇଁ ଏହା ପ୍ରତିରକ୍ଷା ପ୍ରଣାଳୀକୁ ମଜବୁତ ବନାଇବାର କାମ କରିଥାଏ । କନ୍ଦମୂଳ ଖାଇବା ଦ୍ୱାରା ରୋଗ ପାଖକୁ ଆସିନଥାଏ । କନ୍ଦମୂଳରେ ଅଧିକାଂଶ ଆଇରନ ଥିବାରୁ ରକ୍ତହୀନତା ହ୍ରାସ ପାଇଥାଏ । ଅସ୍ଥମାରୁ ରକ୍ଷା କରିଥାଏ କନ୍ଦମୂଳ । ଶରୀରକୁ ଗରମ ରଖିବା ସହ ଏଥିରେ ଥିବା ଭିଟାମିନ ସି ଫୁସଫୁସ ଜନିତ ସମସ୍ୟାକୁ ମଧ୍ୟ ଦୂର କରିଥାଏ । ଖାଦ୍ୟ ହଜମ ପାଇଁ ଶରୀରରେ ଫାଇବର ରହିବା ନିହାତି ଜରୁରୀ ହୋଇଥାଏ । କନ୍ଦମୂଳ ଫାଇବର ଯୁକ୍ତ ଭୋଜନ ଅଟେ। କନ୍ଦମୂଳ ସ୍ୱାଦିଷ୍ଟ ହୋଇଥାଏ ଏବଂ ଏଥିରେ ଫାଇବର ଅଧିକ ମାତ୍ରାରେ ଥାଏ । ଏଥିପାଇଁ ଏହା ପାଚନ ତନ୍ତ୍ର ପାଇଁ ଭଲ ହୋଇଥାଏ । କନ୍ଦମୂଳ ଖାଇବା ଦ୍ୱାରା ଶରୀରର ଓଜନ ହ୍ରାସ କରିବାରେ ସାହାର୍ଯ୍ୟ କରିଥାଏ । ଏହାସହ ବ୍ଲଡରେ ଥିବା ଦୂଷିତ କୋଲେଷ୍ଟ୍ରୋଲ କମିବାକୁ ଲାଗିଥାଏ । ଏବଂ ହାଡ ମଜବୁତ କରିଥାଏ ।



## ଘରୋଇ ମଶ୍ଚରାଇଜ କରନ୍ତୁ, ସୁସ୍ଥ ରୁହନ୍ତୁ

ଘି-କୁଆଁରୀ ପତ୍ରକୁ କାଟି ତା' ରସକୁ ଗୋଟିଏ କାଚ ବୋତଲରେ ରଖିବେ। ବୋତଲକୁ ସପ୍ତାହେ ପର୍ଯ୍ୟନ୍ତ ଫ୍ରିଜ୍ ରେ ରଖିହେବ। ଗାଧୋଇବା ପରେ ଗୋଟିଏ ଚାମଚ ଘି-କୁଆଁରୀ ରସକୁ ମୁହଁରେ ଲଗାଇଲେ ଦାଗ ଦୂର ହେବା ସହ ତ୍ୱଚା ଶୁଷ୍କ ହୁଏ । ଖିର ସର ମଧ୍ୟ ବେଶ୍ କରାମତି ଦେଖାଏ। ବେସନ ଗୋଟିଏ ଚାମଚରେ ଖିର ସର ମିଶାଇ ତ୍ୱଚାରେ ଲଗାଇବେ। ଶୁଖିବା ପରେ ଉଷୁମ ପାଣିରେ ମୁହଁ ଧୁଅନ୍ତୁ। ଏହି ପ୍ୟାକ୍ ଲଗାଇବା ପରେ ତ୍ୱଚାରେ ଅନ୍ୟ କୌଣସି କ୍ରିମ୍ ଲଗାଇବା ଆବଶ୍ୟକତା ନାହିଁ। ମେକ୍‌ଅପ୍ ବାହାର କରିବାକୁ କେତେଜଣ ନଡ଼ିଆ ତେଲ ବ୍ୟବହାର କରନ୍ତି। ନଡ଼ିଆ ତେଲକୁ ରାତିରେ ଶୋଇବା ପୂର୍ବରୁ ମୁହଁ, ହାତ, ପାଦରେ ମାଲିସ୍ କରିବେ। ଏହା ମଧ୍ୟ ଏକପ୍ରକାର ପ୍ରାକୃତିକ ମଏଶ୍ଚରାଇଜ। ଶୁଷ୍କ ତ୍ୱଚା ପାଇଁ ମହୁ ଔଷଧ ଭଳି କାମ କରେ। ସ୍ନାନ ପରେ ଦୁଇ ଠୋପା ମହୁ ନେଇ ମୁହଁରେ କିଛି ସମୟ ମାଲିସ୍ କରିବେ। ୨୦ ମିନିଟ୍ ପରେ ନଖ ଉଷୁମ ପାଣିରେ ତ୍ୱଚା ଧୋଇନେବେ। ଏମିତି ପ୍ରତିଦିନ କଲେ ତ୍ୱଚା ପାଇଁ ଅନ୍ୟ କୌଣସି ମଏଶ୍ଚରାଇଜର୍ ଆବଶ୍ୟକତା ନାହିଁ।



## ପ୍ରତିଦିନ ଫିଟ୍ ରହିବାର ଟିପ୍ସ

ଆରମ୍ଭ ହୋଇଗଲାଣି ଶୀତଦିନ । ଗରମ ଗରମ ଖାଦ୍ୟର ରହିଥାଏ ଖୁବ୍ ଡିମାଣ୍ଡ । ବିଶେଷଜ୍ଞଙ୍କ ଅନୁଯାୟୀ ଶୀତଦିନେ ଲୋକେ ଅନେକ ପୁଷ୍ଟିକର ଖାଦ୍ୟ ଖାଉଥିବାରୁ ଶରୀରର ଓଜନ ଦ୍ରୁତ ଗତିରେ ବଢିଥାଏ । ଆସନ୍ତୁ ଜାଣିବା ଓଜନ ହ୍ରାସ ସହ ଶୀତ ଦିନେ କେମିତି କମେଇବେ ବେଲି ଫ୍ୟାଟ୍।

ଶୀତଦିନେ ଶରୀର ପାଇଁ ବେଶ୍ ଲାଭଦାୟକ ଅଟେ ଗାଜର । ଏଥିରେ ଥିବା ଫାଇବର ଘଣ୍ଟା ଘଣ୍ଟା ପାଇଁ ଭୋକକୁ ରୋକିଥାଏ । ଆଉ ଏହି କାରଣରୁ ହିଁ ଓଜନ ହ୍ରାସ ହେବା ସ୍ୱାଭାବିକ । ଗାଜରରେ ବହୁତ କମ୍ କ୍ୟାଲୋରୀ ଥିବାରୁ ଏହା ଓଜନ ବୃଦ୍ଧିକୁ ରୋକିଥାଏ। ରୋଷେଇ ଘରେ ଥିବା ଡାଲଚିନି ମଧ୍ୟ ଶୀତଦିନେ ଶୀଘ୍ର ଓଜନ ହ୍ରାସ କରିବାରେ ସାହାଯ୍ୟ କରେ । ଡାଲଚିନି ଅନ୍ତନଳୀ ଟିସୁର ମେଟାବୋଲିଜିମକୁ ସନ୍ତୁଳିତ କରିଥାଏ । ଏହା ମଧ୍ୟ ଇନସୁଲିନକୁ ନିୟନ୍ତ୍ରଣରେ ରଖେ । ଏହାକୁ ଖାଇବା ଦ୍ୱାରା ଶରୀରରେ ଚର୍ବି ହ୍ରାସ କରିବାରେ ସହାୟକ ହୋଇଥାଏ । ଶୀତଦିନେ ମେଥୀ ଖାଇବା କୌଣସି ଔଷଧ ଠାରୁ କମ୍ ନୁହେଁ । ଏହା ରକ୍ତରେ ସୁଗାର ସ୍ତରକୁ ନିୟନ୍ତ୍ରଣ କରିଥାଏ । ଏହା କେବଳ ମେଟାବୋଲିକ୍ ସିଷ୍ଟମକୁ ସୁସ୍ଥ ରଖେ ନାହିଁ, ବରଂ ଏଥିରେ ଥିବା ଗ୍ଲୋକ୍ଟୋମେନନ ଭୋକକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ।

ଶୀତଦିନେ ମିଳିଥାଏ ପିଜୁଳି । ଏହା ଭୋକ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ଏହା ଶରୀରେ ଦୈନିକ ଫାଇବରର ଆବଶ୍ୟକତା ୧୨ ପ୍ରତିଶତ ପର୍ଯ୍ୟନ୍ତ କରିଥାଏ । ଏହି ଫଳ ମଣିଷ ଶରୀରର ମେଟାବୋଲିଜିମ୍ ପାଇଁ ମଧ୍ୟ ବହୁତ ଲାଭଦାୟକ ।

## ଅବିଶ୍ୱାସ ହେଲେ ବି ସତ : କେଶର ଲମ୍ବ ୭ ଫୁଟ ୯ ଇଞ୍ଚ



ମହିଳାମାନଙ୍କ କେଶ ସେମାନଙ୍କ ସୌନ୍ଦର୍ଯ୍ୟର ଏକ ବିଶେଷ ଅଂଶ ଭାବେ ବିବେଚିତ। ତେଣୁ ଅନେକ ମହିଳା କେଶ ବଢ଼ାଇବାକୁ ପସନ୍ଦ କରିଥା'ନ୍ତି। ଉତ୍ତରପ୍ରଦେଶର ସ୍ମିତା ଶ୍ରୀବାସ୍ତବ ନାମ୍ନୀ ଜଣେ ୪୬ ବର୍ଷୀୟା କେଶବତୀ ୨୩୬.୨୨ ସେ.ମି. ବା ୭ ଫୁଟ ୯ ଇଞ୍ଚ ଲମ୍ବ କେଶ ବଢ଼ାଇ ଗିନିସ୍ ବିଶ୍ୱ ରେକର୍ଡ ହାସଲ କରିଛନ୍ତି। ଏହି ରେକର୍ଡ ଅନୁସାରେ ସ୍ମିତା ହେଉଛନ୍ତି ପୃଥିବୀର ସବୁଠାରୁ ଲମ୍ବା କେଶଧାରୀ ଜୀବିତ ବ୍ୟକ୍ତି। ତାଙ୍କୁ ଯେତେବେଳେ ୧୪ ବର୍ଷ ହୋଇଥିଲା, ସେ ମୁଣ୍ଡରେ ଲମ୍ବା ଚୁଟି ରଖିବା ପାଇଁ ମନ ବଳାଇଥିଲେ। ତାଙ୍କ ମାଆଙ୍କର ଲମ୍ବା ଘନ କେଶ ତାଙ୍କୁ ଏଥିପାଇଁ ଉତ୍ସାହିତ କରିଥିଲା। ୧୯୮୦ ଦଶକର ହିନ୍ଦୀ ଅଭିନେତ୍ରୀମାନଙ୍କର ଲମ୍ବା କେଶବିନ୍ୟାସ ଦ୍ୱାରା ମଧ୍ୟ ସେ ଅନୁପ୍ରାଣିତ ହୋଇଥିଲେ। ସ୍ମିତାଙ୍କ କହିବା ଅନୁସାରେ, ଭାରତୀୟ ସଂସ୍କୃତିରେ ଦେବୀମାନଙ୍କର ହିଁ ପାରମ୍ପରିକ ଭାବେ ଲମ୍ବା କେଶ ରହିଥାଏ। ସେହିପରି ତାଙ୍କ ସମାଜରେ ମହିଳାମାନେ ଚୁଟି କାଟିବା ଏକ ଅଶୁଭ ଲକ୍ଷଣ ଭାବେ ବିବେଚିତ ହେଉଥିବାରୁ ସେମାନେ ଏପରି ଚୁଟି ବଢ଼ାଇବାକୁ ପସନ୍ଦ କରିଥା'ନ୍ତି।

ସ୍ମିତା ତାଙ୍କର ଏହି ବର୍ଦ୍ଧିତ କେଶକୁ ସପ୍ତାହରେ ଦୁଇ ଥର ଧୋଇଥା'ନ୍ତି। ପ୍ରତିଥର ଏପରି ଚୁଟି ସଫା କରିବା, ଶୁଖାଇବା ଓ ବେଣୀ ବାନ୍ଧିବାକୁ ତାଙ୍କୁ ତିନି ଘଣ୍ଟା ସମୟ ଲାଗିଥାଏ। ତେବେ ଚୁଟିର ଯତ୍ନ ନେବା ଭିତରେ ମୁଣ୍ଡରୁ ଅନେକ କେଶ ମଧ୍ୟ ଝଡ଼ି ତଳେ ପଡ଼ିଥାଏ। ନିଜ ଚୁଟିକୁ ସେ ଏତେ ଭଲ ପାଆନ୍ତି ଯେ ଗତ ୨୦ ବର୍ଷ ହେଲା ତାଙ୍କର ଝଡ଼ିଥିବା ସମସ୍ତ କେଶକୁ ସେ ଏବେ ବି ସାଇତି ରଖିଛନ୍ତି। ଏକଦା ସେ ଗର୍ଭବତୀ ଥିବା ବେଳେ ଅସୁସ୍ଥ ହୋଇପଡ଼ିବାରୁ ଜୀବନରେ ପ୍ରଥମ ଥର ପାଇଁ ଚୁଟିକୁ କାଟି ୬ ଫୁଟ ଲମ୍ବର କରିଦେଇଥିଲେ। ଏପରି ଲମ୍ବା ଚୁଟି ରଖିବା ପାଇଁ ତାଙ୍କୁ ଅନେକ କଷ୍ଟ କରିବାକୁ ପଡ଼ିଥିବା ବେଳେ ଗିନିସ୍ ବିଶ୍ୱ ରେକର୍ଡ ପାଇବା ପରେ ତାଙ୍କ ପରିଶ୍ରମର ମୂଲ୍ୟ ମିଳିଛି ବୋଲି ସେ କହିଛନ୍ତି। ତାଙ୍କ ଚୁଟିରେ ହିଁ ତାଙ୍କ ଜୀବନ ରହିଛି, ତେଣୁ ସେ ବଞ୍ଚିଥିବା ଯାଏ ଚୁଟି ବଢ଼ାଇ ଚାଲିଥିବେ ବୋଲି ସ୍ମିତା କହିଛନ୍ତି।

ଆଇପିଏଲ୍ ପୂର୍ବରୁ ନିଜ ପ୍ରଶଂସକଙ୍କୁ ଖୁସିଖବର ଦେଲେ ସୂର୍ଯ୍ୟକୁମାର



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

• ବର୍ଷ–୩୧ • ସଂଖ୍ୟା–୩୩ • ୨୮ ଫେବୃୟାରୀ ୨୦୨୪, ବୁଧବାର • ଭୁବନେଶ୍ୱର • Vol -31 • Issue-33 • 28th February 2024, Wednesday • Bhubaneswar | Licensed to post without pre-payment of postage No- BN-60/22-24







# କୋଟିଆ ଉପରେ ଆନ୍ଧ୍ରର ନଜର

## ଲଗାଇଲା ସ୍ୱାସ୍ଥ୍ୟ ଶିବିର, ଚିକିତ୍ସିତ ହେଲେ ୪୦୦ ରୋଗୀ

**କୋରାପୁଟ, ୨୭।୨**

**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର କୋଟିଆ ଉପରୁ ଆନ୍ଧ୍ରପ୍ରଦେଶର ଲକ୍ଷ୍ୟ ହଟୁ ନାହିଁ। କୋଟିଆକୁ ନେଇ ବିବାଦ ଜାରି ରହିଥିବା ବେଳେ ଆନ୍ଧ୍ରପ୍ରଦେଶର ପ୍ରଶାସନ ଏଠାକୁ ଆସି ଜନସାଧାରଣଙ୍କୁ ବିଭିନ୍ନ ଯୋଜନା ଓ ସେବା ଆଳରେ ଆକର୍ଷିତ କରୁଛନ୍ତି । ଆନ୍ଧ୍ର ପୁଲିସ କୋଟିଆରେ ମେଗା ସ୍ୱାସ୍ଥ୍ୟ ଶିବିର



ଆୟୋଜନ କରିଛି। କୋଟିଆର ନେରେଡିଭାଲସାରେ ସ୍ୱାସ୍ଥ୍ୟ ଶିବିର ଲଗାଇ ୪୦୦ ରୋଗୀଙ୍କ ଚିକିତ୍ସା କରିଛି। ପାର୍ବତୀପୁରମ ମାନ୍ୟମ ଜିଲ୍ଲା ଅତିରିକ୍ତ ପୁଲିସ ଅଧୀକ୍ଷକ ସୁନୀଲ ଶାରୋନ୍‌ଙ୍କ ନେତୃତ୍ୱରେ ଏହି ଚିକିତ୍ସା କରାଯାଇଛି। ଶିବିରରେ ସାଲୁର ସିଆଇ ବାଲକୃଷ୍ଣ, କୋଟିଆ ସିଆଇ ରୋହିଣୀପାଠୀ, ସାଲୁର (ଗ୍ରାମାଞ୍ଚଳ) ଏସ୍‌ଆଇ ଭେଙ୍କଟ ରମଣା ପ୍ରମୁଖ ଉପସ୍ଥିତ ଥିଲେ।

କୋଟିଆ ଉପରେ ଆନ୍ଧ୍ର ସରକାର ନଜର ପକାଇବା ନୂଆ ଘଟଣା ନୁହେଁ। ପୂର୍ବରୁ ମଧ୍ୟ ଏଭଳି କାମ କରିଥିଲା। ଗତ ଡିସେମ୍ବର ମାସରେ ଆନ୍ଧ୍ର ପ୍ରଶାସନ ମନରେଗା ଫଳକ ପୋତିଥିଲା। କେଉଁ ଉଦ୍ଦେଶ୍ୟରେ ଫଳକ ଆନ୍ଧ୍ର ପ୍ରଶାସନ ସ୍ଥାପନ କଲା ସ୍ଥାନୀୟ ଲୋକେ ମଧ୍ୟ ଆଦୌ ଜାଣିପାରି ନଥିଲେ। କୋରାପୁଟ ପ୍ରଶାସନ ଏହି ଫଳକ ସଂପର୍କରେ ବିଳମ୍ବରେ ଅବଗତ ହୋଇଥିଲା।

# ୫-ଟି ଅଧ୍ୟକ୍ଷଙ୍କୁ ଭେଟିଲେ ୧୪ଟି ଅନୁଷ୍ଠାନ ଓ ସଂଘର କର୍ମକର୍ତ୍ତା

**ଭୁବନେଶ୍ୱର, ୨୭।୨**

**ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳବାର ରାଜ୍ୟର ୧୪ଟି ବିଭିନ୍ନ ଅନୁଷ୍ଠାନ ଓ ସଂଘର କର୍ମକର୍ତ୍ତାମାନେ ନବୀନ ନିବାସଠାରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଧନ୍ୟବାଦ ଅର୍ପଣ କରିଥିଲେ।

ସୂଚନାଯୋଗ୍ୟ ଯେ ସମ୍ପୃକ୍ତ କର୍ମକର୍ତ୍ତାମାନେ ପୂର୍ବରୁ ଶ୍ରୀ ପାଣ୍ଡିଆନଙ୍କୁ ଭେଟି ତାଙ୍କ ଅନୁଷ୍ଠାନ ଓ ସଂଘର ସମସ୍ୟା ବିଷୟରେ ଅବଗତ କରାଇଥିଲେ। ଶ୍ରୀ ପାଣ୍ଡିଆନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟିକୁ ଆଣି ଏହି ସବୁ ସମସ୍ୟାଗୁଡିକ ତୁରନ୍ତ ଏହାର ପ୍ରତିକାର କରିଥିଲେ। ଏଥିପାଇଁ କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇବା ସହିତ ଧନ୍ୟବାଦ ଅର୍ପଣ କରିଛନ୍ତି।

କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ଏକ ନୂଆ ଓଡିଶା, ସଶକ୍ତ ଓଡିଶା ଗଠନ ପାଇଁ ଉଦ୍ୟମ କରୁଛନ୍ତି । ଆପଣମାନେ ସମସ୍ତେ ମୁଖ୍ୟମନ୍ତ୍ରୀଙ୍କ ଏହି ଆକାଂକ୍ଷିତ ଓଡିଶା ଗଠନ ଦିଗରେ ସହଭାଗୀ ହୋଇ କାମ କରନ୍ତୁ ବୋଲି ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ।

ସେମାନଙ୍କ ଅନୁରୋଧ ମୁତାବକ ଭୁବନେଶ୍ୱର ପୋଲିସ୍ ଲାଇନ ମସଜିଦର ଲିଜ ପ୍ରିମିୟମ ଛାଡ, କ୍ୟାପିଟାଲ ମସ୍କ କମିଟିର ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିବା ଜମିର ପ୍ରିମିୟମ ଛାଡ, ଭୁବନେଶ୍ୱର ଚନ୍ଦ୍ରଶେଖର ମୌଜାର ସ୍ୱାଭାବ କବି ଗଙ୍ଗାଧର ମେହେର ଭବନର ଲିଜ ପ୍ରିମିୟମ ଛାଡ, ଚନ୍ଦ୍ରଶେଖରପୁର ଅଞ୍ଚଳରେ ଓଡିଶା ଅଗ୍ରଗାମୀ ଅଘରିଆ ସମାଜ ଜମି ଉପରେ ଲିଜ ପ୍ରିମିୟମ ଛାଡ, ଚନ୍ଦ୍ରଶେଖରପୁରଠାରେ ଗୋଣ୍ଡ ଭବନ ନିର୍ମାଣ ପାଇଁ ଲିଜ ପ୍ରିମିୟମ ଛାଡ, ଭୁବନେଶ୍ୱର ଡୁମୁଡୁମା ଅଞ୍ଚଳର ସନ୍ଥ ଭୀମଭୋଇ ମହିମା ଅଲେଖ ଟ୍ରଷ୍ଟର ଲିଜ୍ ପ୍ରିମିୟମ ଛାଡ, ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଏବଂ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳୀ ମହାସଂଘକୁ ଆର୍ଥିକ ସହାୟତା, କର୍ମଚାରୀଙ୍କ ଦରମା ବୃଦ୍ଧି, କେନ୍ଦୁପତ୍ର ବିଡା ମୂଲ୍ୟ ବୃଦ୍ଧି, ୫୦ ପ୍ରତିଶତ ବୋନସ ପ୍ରଦାନ ଏବଂ ସାମାଜିକ ସୁରକ୍ଷା ଯୋଜନାରେ ବୟସ ସୀମା ୨ ବର୍ଷ ବୃଦ୍ଧି, ନିଖିଳ ଓଡ଼ିଶା ଗ୍ରାମ ରୋଜଗାର ସେବକ ସଂଘକୁ ୫ ବର୍ଷ ପରେ ଚାକିରୀ ନିୟମିତ ଓ ଓଡ଼ିଶା

*(ଭିତର ପୃଷ୍ଠାରେ)*








# ୨୮୫ଟି ଗାଡ଼ିର ଲୋକାର୍ପଣ: ୮ କୋଟି ୧୮ ଲକ୍ଷ ଟଙ୍କା ଖର୍ଚ୍ଚ

**କଟକ, ୨୭/୨ ନ୍ୟୁଜ ବ୍ୟୁରୋ**

ପୁଲିସ ଡିଜି ଅରୁଣ କୁମାର ଷଡଙ୍ଗୀ ପୁଲିସ ସେବାରେ ବ୍ୟବହାର ପାଇଁ ୮ କୋଟି ୧୮ ଲକ୍ଷ ଟଙ୍କା ବ୍ୟୟରେ କିଣାଯାଇଥିବା ୨୮୫ଟି ଗାଡ଼ିର ଲୋକାର୍ପଣ କରିଛନ୍ତି। କଟକସ୍ଥିତ ଷଷ୍ଠ ବାଟାଲିୟନ୍ ପରିସରରେ ୭୧ଟି ବୋଲେରୋ, ୯୪ଟି ବାଇକ ଓ ୧୨୦ଟି ସ୍କୁଟି ଲୋକାର୍ପଣ କରାଯାଇଛି। ଏହି ଗାଡ଼ି ପୁଲିସର କାର୍ଯ୍ୟଦକ୍ଷତା ବୃଦ୍ଧି ହେବା ସହିତ ଅପରାଧ ତଦନ୍ତ, ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ, ଅପରାଧର ସମାଧାନ, ନ୍ୟାୟ ସୁନିଶ୍ଚିତ କରିବା ଓ ଜରୁରୀ ସମୟରେ ତ୍ୱରିତ ପଦକ୍ଷେପ ଆଦିରେ ଉନ୍ନତି ଆଣିବାରେ ସହାୟକ ହେବ ବୋଲି ଡିଜି ଶ୍ରୀ ଷଡଙ୍ଗୀ ମତବ୍ୟକ୍ତ କରିଥିଲେ। ରାଜ୍ୟରେ ମହିଳା ଓ ଶିଶୁଙ୍କ ବିରୋଧରେ ଘଟୁଥିବା ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ 'ନିର୍ଭୟା ଯୋଜନା'ରେ ୧୨୦ଟି ସ୍କୁଟି ପ୍ରଦାନ କରାଯାଇଥିଲା। ଏହାଦ୍ୱାରା ମହିଳା ପୁଲିସ ଅଭିଯୋଗ ଶୁଣାଣି ଏବଂ ଅପରାଧର ତଦନ୍ତ ତୁଲାଇବାରେ ସକ୍ଷମ ହୋଇପାରିବେ ବୋଲି ଆଶାବ୍ୟକ୍ତ କରିଥିଲେ।



ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଏଚ୍ଆରପିସି) ଲଳିତ ଦାସ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଆର. କେ. ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମ୍‌ବ୍ରାଞ୍ଚ) ଅରୁଣ କୁମାର ବୋଥ୍ରା ଏବଂ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାର ଆଇ.ଜି.ଏସ୍. ସାଇନି ବକ୍ତବ୍ୟ ରଖିଥିଲେ। ଆଇ.ଜି (ପ୍ରୋଭିଜନିଂ) ଯତୀନ୍ଦ୍ର କୋୟଲ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ୨୨ ବର୍ଷରେ ଅଢେଇ ଗୁଣ ବଢିଛି ଖାଦ୍ୟଶସ୍ୟ ଉତ୍ପାଦନ

**ଭୁବନେଶ୍ୱର, ୨୭/୨ ନ୍ୟୁଜ ବ୍ୟୁରୋ**

କୃଷକଙ୍କ ସଶକ୍ତିକରଣକୁ ଗୁରୁତ୍ୱ ଦେଇଛନ୍ତି ରାଜ୍ୟ ସରକାର । ଜୟ କିଷାନର ମାହାତ୍ମ୍ୟକୁ ପାଳନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଓଡ଼ିଶାରେ ଚାଷ ଓ ଚାଷୀଙ୍କ ବିକାଶକୁ ନେଇ ରାଜ୍ୟ ସରକାର କରିଥିବା ଉଲ୍ଲେଖନୀୟ ଯୋଜନାର ଓ କୃଷକଙ୍କ ଜୀବନରେ ଆସିଥିବା ପରିବର୍ତ୍ତନ ସମ୍ପର୍କରେ ପ୍ରେସମିଟରେ ସୂଚନା ଦେଇଛି ବିଜେଡି । ବିଜେଡି ସାଂସଦ ସସ୍ମିତ ପାତ୍ର ଓ ରାଷ୍ଟ୍ରୀୟ ମୁଖପାତ୍ର ସଂତୃପ୍ତ ମିଶ୍ର କହିଛନ୍ତି, ଓଡ଼ିଶାରେ ୬୧ ଲକ୍ଷ ଜମିରେ କୃଷି କାର୍ଯ୍ୟ କରାଯାଉଛି । ଆମର ୯୩ ପ୍ରତିଶତ ଚାଷୀ ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର । ରାଜ୍ୟ ସରକାର ସବୁବେଳେ କୃଷିକୁ ପ୍ରାଧାନ୍ୟ ଦେଉଛନ୍ତି । ୨ ହଜାର



ମସିହାରେ ଓଡ଼ିଶାର ଶସ୍ୟ ଉତ୍ପାଦନ ୫୫ଲକ୍ଷ ଟନ୍ ରହିଥିଲା । ଯାହାକି ଅଢେଇ ଗୁଣ ବୃଦ୍ଧି ପାଇ ୨୦୨୨ରେ ୧ ଲକ୍ଷ ୪୧ ହଜାର ଟନ୍‌ରେ ପହଞ୍ଚିଛି । ୨ହଜାର ମସିହାରେ ଓଡ଼ିଶା ଆବଶ୍ୟକତାଠାରୁ କମ୍ ଶସ୍ୟ ଉତ୍ପାଦନ କରୁଥିଲା । ଅନ୍ୟ ରାଜ୍ୟରୁ ଆଣି ରାସନ କାର୍ଡରେ ବଣ୍ଟନ ହେଉଥିଲା । କିନ୍ତୁ ଏବେ ଅନ୍ୟ ରାଜ୍ୟକୁ ଆମେ ଖାଦ୍ୟ ଶସ୍ୟ ଯୋଗାଣ କରୁଛୁ। ୨୦୦୦ ମସିହାରେ ପ୍ରତି ହେକ୍ଟରରେ ୧ ହଜାର ୪୧ କେଜି ଚାଉଳ ଉତ୍ପାଦନ ହେଉଥିବାବେଳେ ଏବେ ଏହା ୨ ହଜାର ୯୩୬କୁ ବୃଦ୍ଧି ପାଇଛି । ୨ ହଜାର ମସିହାରେ ୩୩ଲକ୍ଷ ଟନ୍ ପରିବା ଉତ୍ପାଦନ ହେଉଥିବାବେଳେ ଏବେ ଏହା ୩ ଗୁଣ ଅର୍ଥାତ ୯୮ ଲକ୍ଷ ଟନ୍‌କୁ ବୃଦ୍ଧି ପାଇଛି । କୃଷି କ୍ଷେତ୍ରରେ ଯାନ୍ତ୍ରିକରଣରେ ଆଗେଇଛି ଓଡ଼ିଶା । ଏଥିପାଇଁ ୯୦୦ କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଯନ୍ତ୍ରପାତି କିଣିବାକୁ ୪୦ରୁ ୬୦ପ୍ରତିଶତ ଓ ମହିଳାଙ୍କୁ ୭୫ ପ୍ରତିଶତ ସବ୍‌ସିଡି ମିଳୁଛି । ଶସ୍ୟର ବିବିଧକରଣ କରିଛନ୍ତି ରାଜ୍ୟ ସରକାର । ଓଡ଼ିଶାର ମିଲେଟ ମିଶନ ପୃଥିବୀରେ ଉଦାହରଣ ସାଜିଛି । ଭାରତରେ ପ୍ରଥମ ରାଜ୍ୟ ଭାବେ ମିଲେଟକୁ ଏମଏସପିରେ ସାମିଲ କରିଛି ଓଡ଼ିଶା । ୩୦ ଜିଲ୍ଲାର ୧୭୭ ବ୍ଲକରେ ମିଲେଟ ମିଶନ ଅଛି । ଏଥିପାଇଁ ନୀତି ଆୟୋଗ ମଧ୍ୟ ଓଡ଼ିଶାକୁ ସମ୍ମାନିତ କରିଛି । ୧୦ ନଭେମ୍ବରକୁ ମିଲେଟ ମିଶନ ଭାବେ ପାଳନ କରୁଛନ୍ତି ରାଜ୍ୟ ସରାକର । କୃଷିକ୍ଷେତ୍ରରେ ବିକାଶ ପାଇଁ ୫ଥର କୃଷି କର୍ମଣ ପୁରସ୍କାର ଓଡ଼ିଶା ପାଇଛି । ଏସବୁ ସଫଳତା ଓଡ଼ିଶା ସରକାରଙ୍କ କୃଷି ବିକାଶ ଆଭିମୁଖ୍ୟ ପାଇଁ ସମ୍ଭବ ହୋଇଛି । ସେହିପରି କାଳିଆ ସହାୟତା ଦେଶରେ ଉଦାହରଣ ସାଜିଛି । ରାଜ୍ୟ କ୍ୟାବିନେଟରେ କାଳିଆ ଯୋଜନାର ଅବଧିକୁ ଆହୁରି ୩ ବର୍ଷ ବଢାଇଛନ୍ତି ରାଜ୍ୟ ସରକାର । ଚାଷୀଙ୍କର ଡାଟାବେସ କରାଯାଇ ସେଥିରେ ୭୬ ଲକ୍ଷ ଚାଷୀଙ୍କ ସୂଚନା ରଖାଯାଇଛି । ସରକାରଙ୍କର ସଫଳ ଯୋଜନା ମାଧ୍ୟମରେ ଚାଷୀଙ୍କ ପାଇଁ ସେବାର ସରଳୀକରଣ କରାଯାଇଛି । ଓଡ଼ିଶା ଏକମାତ୍ର ରାଜ୍ୟ ଚାଷୀମାନଙ୍କର ସଶକ୍ତିକରଣକୁ ଗୁରୁତ୍ୱ ଦେଇଛି । କୃଷି କ୍ୟାବିନେଟ ଓ କୃଷି ବଜେଟ ଆଣିବା ସହ ଜଳସେଚନ କ୍ଷେତ୍ରରେ ଇତିହାସ ଲେଖାହୋଇଛି ।






# ନିର୍ବାଚନ କମିଶନଙ୍କ ତାଗିଦ୍ ପରେ ବଦଳିଲେ ୨୨ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ

**ଭୁବନେଶ୍ୱର, ୨୭/୨ ନ୍ୟୁଜ ବ୍ୟୁରୋ**

ଓଏଏସ୍ ସ୍ୱସ୍ତିକ ଜମାଦାରଙ୍କୁ ବୌଦ୍ଧ ଏନଏଏସିର କାର୍ଯ୍ୟନିର୍ବାହୀ ଅଫିସର, ମନୋଜ କୁମାର ତାଣ୍ଡିଙ୍କୁ ଗୁଣୁପୁରୁ ପୌର ପରିଷଦ, ଜୟସେନ ଧରୁଆଙ୍କୁ ଟିଟିଲାଗଡ଼ କାର୍ଯ୍ୟନିର୍ବାହୀ, ଚନ୍ଦ୍ରକାନ୍ତ ବେହେରାଙ୍କୁ ଧର୍ମଗଡ଼ ଏନଏଏସି, ସୁଜିତ୍ କୁମାର ଚୌଧୁରୀଙ୍କୁ ଫୁଲବାଣୀ ପୌର ପରିଷଦ, ପ୍ରମୋଦ କୁମାର ଖିଲୋଙ୍କୁ ପାରଳାଖେମୁଣ୍ଡି ପୌର ପରିଷଦ, ରାଜେଶ କୁମାର ମହାପାତ୍ରଙ୍କୁ ବାଲିମେଳା ଏନଏଏସି, ଦିଲ୍ଲିପ କୁମାର ମହାନ୍ତିଙ୍କୁ ଝାରସୁଗୁଡ଼ା ମ୍ୟୁନିସପାଲଟିର କାର୍ଯ୍ୟନିର୍ବାହୀ ଭାବେ ବଦଳି ହୋଇଛି । ଦିଲ୍ଲିପ କୁମାର ବିଶ୍ୱାଳ ଓ ପୂଜା ଲେଙ୍କାଙ୍କୁ କଟକ ଉନ୍ନୟନ ପ୍ରାଧିକରଣରେ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇଥିବା ବେଳେ ପ୍ରମୋଦ କୁମାର ନାୟକଙ୍କୁ ଖଲ୍ଲିକୋଟ ଏନଏଏସି ଏବଂ କିରନ ବେହେରାଙ୍କୁ ସମ୍ବଲପୁର ମହାନଗର ନିଗମର ଆସିଷ୍ଟାଣ୍ଟ କମିଶନର ଭାବେ ବଦଳି ହୋଇଛି । ସେହିପରି ଜଗତସିଂହପୁର ମ୍ୟୁନିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ବଡୁଙ୍କୁ ଭୁବନେଶ୍ୱର ମହାନଗର ନିଗମର ଆସିଷ୍ଟାଣ୍ଟ କମିଶନର ଭାବେ ବଦଳି ହୋଇଛି । ଏହି ସମସ୍ତ ଅଫିସରଙ୍କୁ ବିଭାଗ ପକ୍ଷରୁ ସେଣ୍ଟ୍ରାଲୀ ରିଲିଭ୍ କରିଦିଆଯାଇଥିବା ଜଣାପଡ଼ିଛି। ସାଧାରଣ ନିର୍ବାଚନ ପୂର୍ବରୁ ଅଫିସରଙ୍କ ବଦଳି ନିୟମକୁ କଡ଼ାକଡ଼ି ପାଳନ ନିମନ୍ତେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶର ୪୮ଘଣ୍ଟା ମଧ୍ୟରେ ରାଜ୍ୟ ସରକାର ୨୨ଜଣ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବଦଳି କରିଛନ୍ତି । କୌଣସି ଅଫିସର ଅବା କର୍ମଚାରୀ ନିଜ ସଂସଦୀୟ କ୍ଷେତ୍ରରେ କାର୍ଯ୍ୟ ପାରିବେ ନାହିଁ ବୋଲି ଗତ ୨୪ତାରିଖରେ ନିର୍ବାଚନ କମିଶନ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଭୁବନେଶ୍ୱର ଓ କଟକ ମହାନଗର ନିଗମର ୭ଜଣ ଅଫିସରଙ୍କ ସମେତ ବିଭିନ୍ନ ପୌର ପରିଷଦ ଓ ବିଜ୍ଞାପିତ ପରିଷଦ ଅଞ୍ଚଳର ମୋଟ୍ ୨୨ଜଣ କାର୍ଯ୍ୟନିର୍ବାହୀ ଅଫିସରଙ୍କୁ ବଦଳି କରାଯାଇଛି । ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ବରିଷ୍ଠ ଓଏଏସ୍ ପ୍ରଫୁଲ୍ଲ କୁମାର ସ୍ୱାଇଁ, ଲ୍ୟାଣ୍ଡ ଅଫିସର ଓଏଏସ୍ ଅରୁଣ କୁମାର ନାୟକ, ଓଏଏସ୍ ଅଫିସର ମୃତ୍ୟୁଞ୍ଜୟ ତ୍ରିପାଠୀଙ୍କ ସମେତ ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣର ସଚିବ ବରିଷ୍ଠ ଓଏଏସ୍ କବିନ୍ଦ୍ର କୁମାର ସାହୁଙ୍କୁ ଅନ୍ୟତ୍ର ବଦଳି ହୋଇଛି । ପ୍ରଫୁଲ୍ଲ ସ୍ୱାଇଁଙ୍କୁ ପୁରୀ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଓ କବିନ୍ଦ୍ର ସାହୁଙ୍କୁ କଟକ ମହାନଗର ନିଗମର ଅତିରିକ୍ତ କମିଶନର ଭାବେ ବଦଳି ହୋଇଛି । କଟକ ଉନ୍ନୟନ ପ୍ରାଧିକରଣ(ସିଡିଏ)ର ପ୍ରଶାସନିକ ଅଧିକାରୀ ସଂଯୁକ୍ତା ସ୍ୱାଇଁଙ୍କୁ ବ୍ରହ୍ମପୁର ଉନ୍ନୟନ ପ୍ରାଧିକରଣର ପ୍ରଶାସନିକ ଅଫିସର, ପରେଶ କୁମାର ନାୟକଙ୍କୁ ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣର ଏନଫୋର୍ସମେଣ୍ଟ ଅଫିସର, ସୁବ୍ରତ କୁମାର ବେହେରାଙ୍କୁ ବ୍ରହ୍ମପୁର ଉନ୍ନୟନ ପ୍ରାଧିକରଣର ଲ୍ୟାଣ୍ଡ ଅଫିସର ଭାବେ ବଦଳି ହୋଇଛି ।

# ଗଛରେ ପିଟିହେଲା ବୋଲେରୋ : ୩ ମୃତ, ୪ ଗୁରୁତର



**କେନ୍ଦ୍ରାପଡ଼ା ୨୭/୦୨ ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଓସ୍ତପୁର ପଞ୍ଚାୟତର ପେଟ୍ରୋଲ ପମ୍ପ ଛକରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟି ୩ ଜଣ ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ୪ ଜଣ ଗୁରୁତରଙ୍କୁ କଟକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ଯେ, ବାଲେଶ୍ୱର, କଟକ, ଭଦ୍ରକ ପ୍ରଭୃତି ଅଞ୍ଚଳର ମଞ୍ଚ କଳାକାରମାନେ ଆୟବା ପଞ୍ଚାୟତର ନରଣପୁର ଠାରେ ପ୍ରତ୍ୟେକ ବର୍ଷ ୨ ଦିନ ଯାତ୍ରା କରନ୍ତି । ଏହି କଳାକାର ମାନେ ଯାତ୍ରା କରିବା ପାଇଁ ରିହଲସେଲ କରିବାକୁ ଆସି ସୋମବାର ସକାଳେ ନିଜ ଘରକୁ ଫେରିବା ପାଇଁ ପ୍ରସ୍ତୁତ ହେଉଥିବା ସମୟରେ ବିଳମ୍ବ ହେବାରୁ ବସ୍ ନପାଇ ଏକ ବୋଲେରୋ ଗାଡିରେ ଯିବା ପାଇଁ ବାହାରି ଥିଲେ । ବୋଲେରୋଟି ଦୃତ ଗତିରେ ବସ୍ ଧରିବା ପାଇଁ ବାହାରି ପଞ୍ଚାୟତର ପେଟ୍ରୋଲ ପମ୍ପ ନିକଟରେ ଏକ ଗଛରେ ପିଟି ହୋଇ ଯିବା ଫଳରେ ଘଟଣା ସ୍ଥଳରେ ୩ ଜଣ ମହିଳା କଳାକାର ପ୍ରାଣ ହରାଇଛନ୍ତି । ଏମାନେ ହେଲେ ବାଲେଶ୍ୱର ଜିଲ୍ଲାର ଭୋଗରାଇ ଅଞ୍ଚଳର ଜ୍ୟୋସ୍ନାମୟୀ ପରମାଣିକ, କଟକ ସୋବେଇ ପୁରର ରାଜଲକ୍ଷ୍ମୀ ରାଉତ ଏବଂ ଭଦ୍ରକ ଜିଲ୍ଲା ସୁହାଡା ଗ୍ରାମର ବେବିରାଣୀ ଦାସ । ଡ୍ରାଇଭର ଉତ୍କଳ ସ୍ୱାଇଁ, ଅଲେଖ ସ୍ୱାଇଁ, କୁସୁମ ଆଚାର୍ଯ୍ୟ ଏବଂ ରେବିନା ଆଚାର୍ଯ୍ୟ ଗୁରୁତର ଭାବେ ଆହତ ହୋଇ କଟକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଛନ୍ତି । ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ ବୋଲେରୋ ଭିତରୁ ଶବ ଏବଂ ଆହତମାନଙ୍କୁ ଗ୍ୟାସ କଟର ସାହାଯ୍ୟରେ ଗାଡିକୁ କାଟି ବାହାର କରାଯାଇଥିଲା । ଘଟଣା ସ୍ଥଳରେ ସଦର ଥାନା ଅଧିକାରୀ ସରୋଜ କୁମାର ସାହୁ, ଏସଡିପିଓ ଦେବେନ୍ଦ୍ର ମଲିକ, ତହସିଲଦାର ତାପସ ରଂଜନ ଦେହୁରି, ସ୍ଥାନୀୟ ସରପଞ୍ଚ ପ୍ରସନ୍ନ କୁମାର ରାଉତ ପ୍ରମୁଖ ପହଞ୍ଚି ଆହତମାନଙ୍କୁ ଚିକିତ୍ସା ପାଇଁ କଟକ ପଠାଇଥିଲେ । ତେବେ ଆହତ ୪ ଜଣଙ୍କୁ ପ୍ରତ୍ୟେକଙ୍କୁ ୨୦ ହଜାର ଟଙ୍କା ଲେଖାଏଁ ରେଡ୍ କ୍ରସ୍ ପାଣ୍ଠିରୁ ଚିକିତ୍ସା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଥିବା ବେଳେ ମୃତକଙ୍କୁ ଅଧିକ ପରିମାଣର ଅନୁଦାନ ଦିଆଯିବାକୁ ସରକାରଙ୍କୁ ସୁପାରିଶ କରାଯାଇଥିବା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର ସୂଚନା ଦେଇଛନ୍ତି ।


## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ଏନ୍‌କାଉଣ୍ଟରରେ ୪ ମାଓବାଦୀ ନିହତ



**ମାଲକାନଗିରି, ୨୭/୨ ନ୍ୟୁଜ ବ୍ୟୁରୋ**

ଛତିଶଗଡ଼ ବିଜାପୁର ଜିଲ୍ଲାରେ ଏନକାଉଣ୍ଟରରେ ୪ ମାଓବାଦୀ ନିହତ ହୋଇଥିବା ଜଣାଯାଇଛି। ଜାଂଗଲା ଥାନା ଅନ୍ତର୍ଗତ ଛୋଟେ ତୁଙ୍ଗାଲି ଜଙ୍ଗଲରେ ଯବାନଙ୍କ ଗୁଳିରେ ୪ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ମୃତ ମାଓବାଦୀମାନଙ୍କ ଶବ ଉଦ୍ଧାର କରାଯାଇଛି। ଏହାଛଡ଼ା ଘଟଣାସ୍ଥଳରୁ ବିପୁଳ ପରିମାଣରେ ମାଓ ସାମଗ୍ରୀ ଜବତ ହୋଇଛି। ସମ୍ପୃକ୍ତ ଅଞ୍ଚଳରେ ଡିଆରଜି ଯବାନଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ ଜାରି ରହିଛି। ୪ ମୃତକଙ୍କ ମଧ୍ୟରେ ୨ ଜଣ ମହିଳା ମାଓବାଦୀ ରହିଛନ୍ତି ବୋଲି ସୂଚନା ମିଳିଛି।

# ଜନବସତି ମୁହାଁ ହାତୀଙ୍କୁ ଲାଗିବ କରେଣ୍ଟ ଝଟକା

**ଭୁବନେଶ୍ୱର, ୨୭/୨ ନ୍ୟୁଜ ବ୍ୟୁରୋ**

ହାତୀ ଉପଦ୍ରବରୁ ମିଳିବ ତ୍ରାହି । ଜନବସତି ମୁହାଁ ହେଉଥିବା ହାତୀଙ୍କୁ ଦିଆଯିବ କରେଣ୍ଟ ଝଟକା । ସୋଲାର ଫେନସିଂ ବା ସୌର ଶକ୍ତି ଦ୍ୱାରା ପରିଚାଳିତ ଝୁଲନ୍ତା ତାର ବାଡ଼ ଲଗାଇ ହାତୀ ଉପଦ୍ରବ ରୋକିବା ପାଇଁ ଏଭଳି ପ୍ରୟାସ କରିବାକୁ ଯାଉଛି ବନ ବିଭାଗ । ଚନ୍ଦକା ଅଭୟାରଣ୍ୟରେ ଏଭଳି ଯୋଜନା କରାଯାଇଛି । ଅନେକ ସମୟରେ ହାତୀ ନିଜ ଅଞ୍ଚଳ ଛାଡ଼ି ଜନବସତି ମୁହାଁ ହେଉଥିବା ଦେଖିବାକୁ ମିଳେ । ହେଲେ ଏବେ ଏହି କରେଣ୍ଟ ଝଟକାର ବ୍ୟବହାର ଦ୍ୱାରା ହାତୀ ଆଉ ଜନବସତି ମୁହାଁ ହେବେ ନାହିଁ । ଚନ୍ଦକା ଜଙ୍ଗଲର ପାଚେରୀକୁ ଲାଗି ଏହି ତାର ବାଡ଼ ରହିଛି । ଯେଉଁଥିରେ ୨୪ ଘଣ୍ଟିଆ ବିଦ୍ୟୁତ ସରବରାହ ରହିବ । ଏହାକୁ ବନ କର୍ମଚାରୀମାନେ କଣ୍ଟ୍ରୋଲ ପ୍ୟାନେଲ ଦ୍ୱାରା ପରିଚାଳିତ କରିବେ । ପ୍ରାୟ ୧୫ ଫୁଟ ଉଚ୍ଚତାର ତାର ବାଡ଼ ଲାଗିଛି । ଆଉ ତଳ ପଟୁ ୩ ଫୁଟ୍ ଜାଗା ଛଡ଼ାଯାଇଛି । ତାରକୁ ଛୁଇଁବା ମାତ୍ରକେ ୪ ଦଶମିକ ୫ ଭୋଲ୍ଟର କରେଣ୍ଟ ଖାଇ ଜଙ୍ଗଲକୁ ଫେରିଯିବେ ହାତୀ ।






# ରାଜଧାନୀରେ ଆପାର୍ଟମେଣ୍ଟରୁ ଚୋରି ରୋକିବାକୁ ସ୍ୱତନ୍ତ୍ର ଆପ୍

**ଭୁବନେଶ୍ୱର, ୨୭/୨ ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ପୋଲିସ ଆଖିରୁ ନିଦ ହଜାଇ ଦେଇଛି ବିଭିନ୍ନ ଆପାର୍ଟମେଣ୍ଟରୁ ଲୁଟ ଘଟଣା। ବାରମ୍ବାର ଚୋରି ପରେ ଏବେ ସଜାଗ ହୋଇଛି ପୋଲିସ। ଚୋରି ରୋକିବା ପାଇଁ ପ୍ରସ୍ତୁତ ହୋଇଛି ସ୍ୱତନ୍ତ୍ର ଆପ୍। ଚୋରି ଘଟଣା ବାରମ୍ବାର ସାମ୍ନାକୁ ଆସିବା ପରେ ଆପାର୍ଟମେଣ୍ଟ ସିକ୍ୟୁରିଟି ନେଇ କମିଶନରେଟ ପୋଲିସର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ରାଜଧାନୀରେ ବଢୁଥିବା ଆପର୍ଟମେଣ୍ଟ ଲୁଟ କମିଶନରେଟ ପୋଲିସ ପାଇଁ ବଡ ଚାଲେଞ୍ଜ ହୋଇଛି। ଗତ ୬ ମାସ ଭିତରେ ରାଜଧାନୀର ପାଖାପାଖି ୩୦ଟି ଆପାର୍ଟମେଣ୍ଟର ୫୫ଟି ଫ୍ଲାଟରେ କଳା କନା ବୁଲାଇ ସାରିଲେଣି ଲୁଟେରା। ହେଲେ ଏପର୍ଯ୍ୟନ୍ତ ଲୁଟେରାଙ୍କୁ ଧରିବା ପାଇଁ ସକ୍ଷମ ହୋଇନି ପୋଲିସ। ଏଥିପାଇଁ ପୋଲିସ କମିଶନରଙ୍କ ଅଧକ୍ଷତାରେ ବରିଷ୍ଠ ପୋଲିସ ଅଧିକାରୀ ଓ ଥାନା ଅଧିକାରୀଙ୍କ ସହ ବୈଠକ ହୋଇଥିଲା। ରବିବାର ବିଭିନ୍ନ ଆପାର୍ଟମେଣ୍ଟର ସଭାପତି, ସମ୍ପାଦକ ଓ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି ପୋଲିସ କମିଶନର ସଂଜୀବ ପଣ୍ଡା। ଆପର୍ଟମେଣ୍ଟ ଲୁଟ୍‌କୁ ରୋକିବାକୁ ପ୍ରସ୍ତୁତ ହେଉଛି ପୋଲିସ। ସୁରକ୍ଷା ବ୍ୟବସ୍ଥାକୁ କିଭଳି ମଜବୁତ୍ କରିହେବ, ତାକୁ ନେଇ ବୈଠକରେ ଆଲୋଚନା ହେଇଛି। ଆପର୍ଟମେଣ୍ଟରେ ଭଲ କ୍ୱାଲିଟିର ସିସିଟିଭି କ୍ୟାମେରା ଲଗାଇବାକୁ ପୋଲିସ କମିଶନର ଅନୁରୋଧ କରିଛନ୍ତି। ଖରାପ କ୍ୱାଲିଟି କ୍ୟାମେରା ଲଗାଇଲେ ଭଲ ଫଟୋ ଆସିପାରୁନାହିଁ। ଯାହା ଫଳରେ ଲୁଟେରା ଚିହ୍ନଟ ହୋଇପାରୁନାହାନ୍ତି। ଏଥିସହ ପାରିପାର୍ଶ୍ୱିକ ସୁରକ୍ଷା ଉପରେ ମଧ ଗୁରୁତ୍ୱ ଦେବାକୁ କହିଛନ୍ତି ପୋଲିସ କମିଶନର। ଉଚ୍ଚ ପାଚେରୀ କରିବା ସହ ପାଚେରୀ ଉପରେ ତୀକ୍ଷଣ ଲୁହା ଫ୍ରେମ ଲଗାଇବାକୁ ଅନୁରୋଧ କରିଛନ୍ତି । ଆପାର୍ଟମେଣ୍ଟରେ ପର୍ଯ୍ୟାପ୍ତ ତାଲିମ ପ୍ରାପ୍ତ ସିକ୍ୟୁରିଟି ଗାର୍ଡ ନିୟୋଜିତ କରିବା ସହ ଆଲାରାମ୍ ସିଷ୍ଟମ ରଖିବାକୁ କୁହାଯାଇଛି। ଟେକ୍ନୋଲୋଜିର ବ୍ୟବହାର ପାଇଁ ଗୁରୁତ୍ୱ ଦେଇଛନ୍ତି ପୋଲିସ କମିଶନର।

# ପେନସନ ମାମଲାର ସମାଧାନ କରିବାରେ ଉଚ୍ଚଶିକ୍ଷା ବିଭାଗର ରେକର୍ଡ

**ଭୁବନେଶ୍ୱର, ୨୭/୨ ନ୍ୟୁଜ ବ୍ୟୁରୋ**

ପେନସନ ମାମଲାର ସମାଧାନ କରିବାରେ ଉଚ୍ଚଶିକ୍ଷା ବିଭାଗର ରେକର୍ଡ। ଗତ ବର୍ଷ ଜାନୁଆରୀ ପହିଲାରୁ ଡିସେମ୍ବର ୨୭ ଯାଏଁ ମାମଲାର ସମାଧାନ ହୋଇଛି । ଯେଉଁଥିରେ ୧୭୨୭ ପେନସନ ମାମଲାର ସମାଧାନ ହୋଇ ପେନସନ ପ୍ରଦାନ କରାଗଲାଣି । ଏଥିରୁ ୧୩୫୭ ଅନଲାଇନ ଓ ୧୪୬ ଅଫଲାଇନ ମାମଲା ଥିଲା । ୨୨୪ ମାମଲାରେ ଆବେଦନ ଅସମାପ୍ତ ଥିବାରୁ ସେଗୁଡିକୁ ପୁଣି କଲେଜକୁ ଫେରସ୍ତ କରାଯାଇଛି। ସେହିପରି ୩୨ ମାମଲା ବଳକା ରହିଛି। ୩୧ ଜଣଙ୍କୁ ପ୍ରୋଭିଜିନାଲ ପେନସନ ଓ ୨୮ ଜଣଙ୍କୁ ଏକ୍ସ- ଗ୍ରାସିଆ ବି ଅନୁମୋଦନ ପ୍ରଦାନ କରିଛି ଉଚ୍ଚଶିକ୍ଷା ବିଭାଗ । ଉଚ୍ଚଶିକ୍ଷା ମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ଅତନୁ ସବ୍ୟସାଚୀ ନାୟକଙ୍କୁ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧକ୍ଷଙ୍କ ସବୁ ପେନସନ ମାମଲାର ସମାଧାନ ହେବା ନେଇ ନିର୍ଦ୍ଦେଶ ଦେଇଥିଲେ । ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପେନସନ ସେଲ୍ ଖୋଲା ଯାଇଥିଲା । ଯେଉଁଠି ଦୀର୍ଘ ଦିନରୁ ଘରୋଇ ଅନୁଦାନପ୍ରାପ୍ତ କଲେଜର ପଡ଼ିରହିଥିବା ପେନସନ ମାମଲା ଗୁଡିକର ସମାଧାନ କରାଯାଇ ଶିକ୍ଷକ ଓ ଅଣ ଶିକ୍ଷକଙ୍କୁ ପେନସନ ପ୍ରଦାନ କରାଯାଇଛି ।

# 'ମୋ ବସ୍'ର ନୂଆ ମୋବାଇଲ୍ ଆପ୍ ଉନ୍ମୋଚିତ: ଟଙ୍କା ନୁହେଁ, କାର୍ଡରେ ମିଳିବ ଟିକେଟ

**ଭୁବନେଶ୍ୱର, ୨୭/୨ ନ୍ୟୁଜ ବ୍ୟୁରୋ**

ଟିକେଟ ବ୍ୟବସ୍ଥାରେ ଆଉ ପାଦେ ଆଗକୁ ଗଲା କ୍ୟାପିଟାଲ୍ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ(କ୍ରୁଟ୍)। ବସ୍ ଯାତ୍ର ପାଇଁ ଏଣିକି ଆଉ ସାଙ୍ଗରେ ଟଙ୍କା ନେଇ ଯିବାର ଆବଶ୍ୟକତା ନାହିଁ। ମୋ ବସ୍ ଯାତ୍ରୀ କାର୍ଡ ଦ୍ୱାରା ଟିକେଟ୍ ନେଇ ପାରିବେ। ଆପ୍ ମାଧ୍ୟମରେ ମଧ୍ୟ ଟିକେଟ ପାଇପାରିବେ। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କ୍ରୁଟ୍ ଅଧକ୍ଷା ଏଭଳି ବ୍ୟବସ୍ଥାକୁ ଉନ୍ମୋଚନ କରିଛନ୍ତି। ମୋ ବସ୍ ସେବାରେ ଉନ୍ନତ ପ୍ରଯୁକ୍ତି ବିଦ୍ୟା ଓ ଯାତ୍ରୀମାନଙ୍କ ପାଇଁ ସହଜ, ସରଳ ଯାତ୍ରା ପାଇଁ ଏକ ନୂଆ ମୋ ବସ୍ ମୋବାଇଲ୍ ଆପ୍ଲିକେସନ୍ ଉନ୍ମୋଚନ ହୋଇଛି। ଯେଉଁଥିରେ ଚଳନ୍ତା ବସ୍‌ଗୁଡ଼ିକର ଟ୍ରାକିଂ ଏବଂ ବସ୍ ମଧ୍ୟରେ ଥିବା ବାସ୍ତବିକ ସମୟର ଯାତ୍ରୀଙ୍କ ସ୍ଥିତି ଜାଣିହେବ। ଏହି ଆପ୍‌କୁ ବ୍ୟବହାର କରି ଯାତ୍ରୀମାନେ ଅନ୍‌ଲାଇନ୍ ଟିକେଟ୍ ଏବଂ ପାସ୍ କରିବା ସହିତ ଏହାର ନବୀକରଣ କରିପାରିବେ। ମୋ'ବସ୍ ମୋବାଇଲ୍ ଆପ୍ଲିକେସନ୍‌ର ଉଭୟ ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ଭର୍ସନ ଉନ୍ମୋଚନ ହୋଇଛି। ଯେଉଁଥିରେ ଯାତ୍ରୀମାନେ ମୋ' ବସ୍ ସେବା ଉପଲବ୍ଧ ଥିବା ପ୍ରତ୍ୟେକ ସହର ଓ ଏହାର ରୁଟ୍ ବିଷୟରେ ସେଥିରୁ ଜାଣିପାରିବେ। ଏହି ନୂତନ ଆପ୍ ମାଧ୍ୟମରେ ମୋ'ବସ୍‌ରେ ଯାତ୍ରା କରିବା ସମୟରେ ହିଁ




ଜଣେ ଯାତ୍ରୀ ନିଜର ଟିକେଟ୍ ବୁକ୍ କରିପାରିବେ ଏବଂ ଆଗାମୀ ଯାତ୍ରାର ଯୋଜନା ସହଜରେ ପ୍ରସ୍ତୁତ କରିହେବ। ବସ୍ ପହଞ୍ଚିବା ପୂର୍ବରୁ ମୋ' ବସ୍ ମଧ୍ୟରେ ଯାତ୍ରୀଙ୍କ ଉପସ୍ଥିତି ଜାଣିବା ସହିତ ଷ୍ଟପେଜ୍‌ରେ ବସ୍ ପହଞ୍ଚିବାର ଆନୁମାନିକ ସମୟ ମଧ୍ୟ ଜାଣିହେବ। ତାହା ସହିତ ଆପଣ ଆପଣଙ୍କ ଚତୁଃପାର୍ଶ୍ୱରେ ଉପସ୍ଥିତ ବସ୍‌କୁ ଦେଖିପାରିବେ। ଆପଣଙ୍କ ସହର ଓ ନିଜ ଭାଷା ଚୟନ କରି ଏହାକୁ ବ୍ୟବହାର କରିପାରିବେ। ଏହି ଅବସରରେ ଭୁବନେଶ୍ୱର ଉନ୍ନୟନ କମିସନର, ଅତିରିକ୍ତ ଶାସନ ସଚିବ ଏବଂ କ୍ରୁଟ୍ ଅଧକ୍ଷା ଅନୁ ଗର୍ଗ କହିଛନ୍ତି ଯେ, ବର୍ତ୍ତମାନ ଯାତ୍ରୀମାନେ ଏହି ନୂତନ ଆପ୍ ବ୍ୟବହାର କରି ସେମାନଙ୍କ ବସ୍ ଆଗମନର ଲାଇଭ୍ ଟ୍ରାକିଂ ତଥା ମୋ ବସ୍ ସେମାନଙ୍କ ଷ୍ଟପେଜ୍‌ରେ ପହଞ୍ଚିବାର ବାସ୍ତବିକ ସମୟ ଜାଣିବା ସହିତ ଆଗାମୀ ଯାତ୍ରାର ଯୋଜନା ପ୍ରସ୍ତୁତ କରିପାରିବେ। ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଜି.ମାଥିଭାଥନନ୍ କହିଛନ୍ତି ଯେ, ନୂତନ ମୋବାଇଲ୍ ଆପ୍ ଏବଂ ମୋ ବସ୍ କାର୍ଡ ପ୍ରମୋସନାଲ୍ ଅଫର ଡିଜିଟାଲ୍ ପେମେଣ୍ଟକୁ ଆହୁରି ସହଜ କରିବ ଏବଂ ଯାତ୍ରୀମାନଙ୍କ ପାଇଁ ନିରନ୍ତର ଯାତ୍ରା ସୁନିଶ୍ଚିତ କରିବ। ଶ୍ରୀମତୀ ଗର୍ଗ ମୋବାଇଲ୍ ଆପ୍ ଉନ୍ମୋଚନ ସହିତ ପୂର୍ବରୁ ଆରମ୍ଭ ହୋଇଥିବା ମୋ ବସ୍ କାର୍ଡର ଏକ ନୂଆ କାର୍ଡ ସହିତ ସ୍ୱତନ୍ତ୍ର ଅଫର ମଧ୍ୟ ଘୋଷଣା କରିଛନ୍ତି। ୫୦ ଟଙ୍କା ଦେଇ କାର୍ଡ କ୍ରୟ କରିବା ପରେ, ୫୦୦ ଟଙ୍କାର ରିଚାର୍ଜ ଉପରେ ୪୦ ପ୍ରତିଶତ ଏବଂ ୧୦୦୦ ଟଙ୍କାର ରିଚାର୍ଜ ଉପରେ ୫୦ ପ୍ରତିଶତ ଲାଭାଂଶ ମୂଲ୍ୟ ସହିତ କାର୍ଡ ପାଇପାରିବେ। ଏହି ସ୍ୱତନ୍ତ୍ର ଅଫର ୧ ମାର୍ଚ୍ଚ ପର୍ଯ୍ୟନ୍ତ ରହିବ। ମୋ ବସ୍‌ର ପ୍ରତିଟି ରୁଟ୍‌ରେ ଗାଇଡ୍‌ମାନଙ୍କଂଠାରୁ କିମ୍ବା ମାଷ୍ଟରକାଣ୍ଟିନ୍ ବସ୍ ଟର୍ମିନାଲ୍ ଏବଂ ପଟିଆ ମୋ ବସ୍ ମୁଖ୍ୟ କାର୍ଯ୍ୟାଳୟକୁ ଆସି ଏହି ନୂତନ ମୋ ବସ୍ କାର୍ଡ କ୍ରୟ କରିପାରିବେ। କଟକ ନେତାଜୀ ବସ୍ ଟର୍ମିନାଲ୍ ଏବଂ ରାଉରକେଲା ବସ୍ ଷ୍ଟାଣ୍ଡରେ ମଧ୍ୟ ଏହା ବିକ୍ରୟ ହେବ। କ୍ୟାପିଟାଲ୍ ରିଜିଅନ୍ ଏବଂ ରାଉରକେଲାର ବିଭିନ୍ନ ସ୍ଥାନରେ ମଧ୍ୟ ଏହାର ବିକ୍ରୟ ପାଇଁ ବ୍ୟବସ୍ଥା କରାଯିବ। ଏହାକୁ କ୍ରୟ କରି ମୋ ବସ୍ ସେବା ଉପଲବ୍ଧ ଥିବା ସମସ୍ତ ସହରରେ ବ୍ୟବହାର ହୋଇପାରିବ।


## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା,
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com